visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.73 Bhubaneswar Thursday 28 2022 | ୨୫ତମ ବର୍ଷ ସଂଖ୍ୟା-୭୩ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୨୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS







ଡିଏନଏ ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଇଭା ପ୍ରେସିସନ ହେଲଥ୍‌କେୟାରକୁ ନୂଆଦିଲ୍ଲୀ ଏମସ୍‌ର କ୍ୟାନସର ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ତଥା ଜାତୀୟ କ୍ୟାନସର ପ୍ରତିଷ୍ଠାନ, ଝଝର, ଏନସିଆରର ମୁଖ୍ୟ ପ୍ରଫେସର ଡକ୍ଟର ଗୌରୀ କିଶୋର ରଥ ଉଦ୍‌ଘାଟନ କରୁଛନ୍ତି

## ୨୮ରୁ ପୂର୍ବଭଳି ଚଳାଚଳ କରିବ ସମତା ଏକ୍ସପ୍ରେସ

ଭୁବନେଶ୍ୱର, ୨୭।୪(ପି.ଏନ): ଯାତ୍ରୀଙ୍କ ସୁବିଧା ସହିତ ଗ୍ରୀଷ୍ମ ପ୍ରବାହ ସମୟରେ ଚାହିଦାକୁ ଦୃଷ୍ଟିରେ ରଖି ବିଶାଖାପାଟନମ୍-ହଜରତ ନିଜାମୁଦ୍ଦିନ-ବିଶାଖାପାଟନମ୍ ସମତା ଏକ୍ସପ୍ରେସର ସେବାକୁ ସାମୟିକ ବାତିଲ ପରିବେର୍ତ୍ତେ ପୁନଃ ଚଳାଚଳ କରାଇବାକୁ ନିଷ୍ପତି ନିଆଯାଇଛି। ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳ ପ୍ରାଧିକରଣରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ରାୟଗଡା-ଟିଟିଲାଗଡ ଏବଂ ରାୟପୁର ମାର୍ଗ ଦେଇ ଚଳାଚଳ କରୁଥିବା ବିଶାଖାପାଟନମ୍-ହଜରତ ନିଜାମୁଦ୍ଦିନ-ବିଶାଖାପାଟନମ୍ ସମତା ଏକ୍ସପ୍ରେସକୁ ବିଶାଖାପାଟନମ୍ ଠାରୁ ୨୬ ଏପ୍ରିଲ୍ ଠାରୁ ଏବଂ ୨୮ ଏପ୍ରିଲ ଠାରୁ ନିଜାମୁଦ୍ଦିନରୁ ସାମୟିକ ଭାବେ ବାତିଲ କରାଯାଇଥିଲା।୧୨୮୦୭ ବିଶାଖାପାଟନମ୍-ହଜରତ ନିଜାମୁଦ୍ଦିନ ସମତା ଏକ୍ସପ୍ରେସ ବିଶାଖାପାଟନମ୍ ଠାରୁ ୨୮ଏପ୍ରିଲ ରୁ ଏବଂ ୧୨୮୦୮ ହଜରତ ନିଜାମୁଦ୍ଦିନ-ବିଶାଖାପାଟନମ୍ ସମତା ଏକ୍ସପ୍ରେସ ନିଜାମୁଦ୍ଦିନରୁ ୩୦ ଏପ୍ରିଲ ଠାରୁ ଏହାର ନିର୍ଦ୍ଧାରିତ ମାର୍ଗ ଏବଂ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ।

## ଆଜିଠୁ ମେ ୨ ଯାଏଁ ବନ୍ଦ ରହିବ ରାଜ୍ୟର ସବୁ ବୈଷୟିକ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୨୭।୪(ପି.ଏନ): ଆସନ୍ତାକାଲି (ଗୁରୁବାର)ଠାରୁ ମେ ୨ ଯାଏଁ ରାଜ୍ୟର ସବୁ ବୈଷୟିକ ଶିକ୍ଷାନୁଷ୍ଠାନରେ ଛୁଟି ଘୋଷଣା କରାଯାଇଛି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି। ତେବେ କ୍ଲାସ ବନ୍ଦ ରହିଲେ ମଧ୍ୟ ହେବାକୁ ଥିବା ପରୀକ୍ଷା ଚାଲିବ।

# ଗ୍ରୀଷ୍ମ ପ୍ରବାହ ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୭।୪(ପି.ଏନ): ପ୍ରବଳ ତାତିରେ ଅସ୍ତବ୍ୟସ୍ତ ଓଡିଶାବାସୀ। ମୁଣ୍ଡଫଟା ଖରା ଓ ଗୁଳୁଗୁଳି ଅସହ୍ୟ ହେଉଛି। ଦିନ ବେଳା ଘରୁ ବାହାରିବା କଷ୍ଟକର ହେଉଛି। ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର।ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାଶ କହିଛନ୍ତି ଆଗାମୀ ୩ ଦିନ ପର୍ଯ୍ୟନ୍ତ ପାଗରେ କୌଣସି ପରିବର୍ତନ ହେବାର ନାହିଁ। ତେବେ ଦିନବେଳା ବାହାରକୁ ବାହାରୁଥିଲେ ସତର୍କତା ମୂଳକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ୯ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ଏହି ୯ଟି ଜିଲ୍ଲା ହେଲା ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ଦେବଗଡ, ଝାରସୁଗୁଡା, ମୟୁରଭଂଜ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଜିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୧ଟି ଜିଲ୍ଲାରେ ରହିଛନ୍ତି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ୍, ଦେବଗଡ,ଝାରସୁଗୁଡ଼ା, ସମ୍ବଲପୁର, ବରଗଡ,ଅନୁଗୁଳ,ସୋନପୁର, ବୌଦ୍ଧ ଓ ବଲାଙ୍ଗୀର। ଏହି ଗ୍ରୀଷ୍ମ ପ୍ରବାହ ସମୟରେ ଖରାକୁ ନବାହାରି ଛାଇ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଶିଶୁ, ଅସୁସ୍ଥ ଓ ବୃଦ୍ଧ ଲୋକଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବା , ଅଧିକ ପାଣି ପିଇବା ସହିତ ଶରୀରକୁ ହାଇଡ୍ରେଟ ରଖିବାକୁ ବି ପାଣିପାଗ ବିଭାଗ ପରାମର୍ଶ ଦେବା ସହିତ ଆଖୁ, ଗ୍ରୀଷ୍ମ ମକା, ଡାଲି ଏବଂ ଅନ୍ୟାନ୍ୟ ଫସଲ ଏବଂ ପନିପରିବାରେ ଜଳସେଚନ କାର୍ଯ୍ୟ ଜାରି ରଖିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି ।

# ମାତ୍ର ୧୦ହଜାର ଲୋକ ନେଇଛନ୍ତି ବୁଷ୍ଟର ଡୋଜ୍ : ବସିଥିଲେ ଚୁପ୍, ଏବେ ଦେଲେ ନିର୍ଦ୍ଦେଶ



ଭୁବନେଶ୍ୱର,୨୭।୪(ପି.ଏନ): ସମଗ୍ର ଦେଶରେ କରୋନା ସଂକ୍ରମଣର ସଂଖ୍ୟା ପୁଣି ଥରେ ବଢୁଥିବାରୁ ଏହାର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଓଡିଶା ସମେତ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚ଼ନା କରିଥିବାବେଳେ ଓଡିଶାରେ ଅଧିକ ସଂଖ୍ୟକ ଲୋକଙ୍କୁ 'ବୁଷ୍ଟର ଡୋଜ୍ ' ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ ନିମନ୍ତେ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି ।କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏନେଇ ଉଦବେଗ ଜଣାଇବା ପରେ ଗତକାଲି ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀମାନଙ୍କୁ 'ବୁଷ୍ଟର ଡୋଜ୍ ?' ଟିକା ଦେବା କାର୍ଯ୍ୟକୁ ଜରୁରୀକାଳୀନ ଭାବେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡିଶାରେ ୧୮ରୁ ୫୯ବର୍ଷ ବୟସର ମାତ୍ର ୧୦୧୮୦ଜଣ ଲୋକ ବୁଷ୍ଟର ଡୋଜ୍ ଟିକା ନେଇଛନ୍ତି ।ମିଳିଥିବା ସୂଚ଼ନା ଅନୁସାରେ, ସମଗ୍ର ଦେଶରେ ଏବେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଓଡିଶାରେ ସ୍ଥିତି ଚ଼ିନ୍ତାଜନକ ନାହିଁ ବୋଲି କହି ରାଜ୍ୟ ସରକାର ଚୁପ୍ ହୋଇ ବସି ରହିଥିଲେ । ଯଦିଓ ରାଜ୍ୟରେ କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ଓ ବୁଷ୍ଟର ଡୋଜ୍ ଦେବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଟିକା ମହଜୁଦ୍ ରହିଛି ତଥାପି ଜାତୀୟ କୋଭିଡ୍ ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ ନକରି ରାଜ୍ୟ ସରକାର ନିଷ୍କ୍ରିୟ ହୋଇ୍ ହୋଇ ବସି ରହିବା ଯୋଗୁ ୧୮ରୁ ୫୯ବର୍ଷ ବୟସର ମାତ୍ର ୧୦୧୮୦ଜଣ ଓ ୬୦ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ମାତ୍ର ୫ଲକ୍ଷ ୭୮ହଜାର ୫୯୯ଜଣ ଲୋକ ବୁଷ୍ଟର ଡୋଜ୍ ଟିକା ନେବା ସମ୍ଭବପର ହୋଇପାରିଛି ।ଏବେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାକୁ ଦୃଷ୍ଟିରେ ରଖି ଏହି ବୁଷ୍ଟର ଡୋଜ୍ ଯେଉଁଭଳି ଅଧିକ ସଂଖ୍ୟକ ଲୋକେ ନେଇପାରିବେ ସେ ନେଇ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନର ଓ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୋଭିଡ୍ ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ ନିମନ୍ତେ ଘରୋଇ କ୍ଷେତ୍ରର ସହଯୋଗ ନେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଏ ଦିଗରେ ଜିଲ୍ଲା ଓ ମହାନଗର ଗୁଡିକ କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚ଼ିବ ଡାକ୍ତର ଅଜିତ୍ କୁମାର ମହାନ୍ତି କହିଛନ୍ତି ।ସୂଚ଼ନାଯୋଗ୍ୟ, ୨୦୨୨ ଜାନୁୟାରୀ ୧୦ରୁ ରାଜ୍ୟରେ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଫ୍ରଣ୍ଟଲାଇନ୍ ୱାର୍କର ଓ ବହୁବିଧ ରୋଗରେ ପୀଡିତ ବ୍ୟକ୍ତିମାନଙ୍କୁ ବୁଷ୍ଟର ଡୋଜ୍ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହାପରେ ମାର୍ଚ୍ଚ ୧୬ତାରିଖରୁ ୬୦ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କୁ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏପ୍ରିଲ ୧୦ତାରିଖରୁ ୧୮ରୁ ୫୯ବୟସର ସମସ୍ତ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ୍ ଦେବା ନିମନ୍ତେ ଅଭିଯାନ ଘରୋଇ ହସ୍ପିଟାଲଠୁ ସରକାରୀ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି ଆରମ୍ଭ ହୋଇଛି । ମାତ୍ର ରାଜ୍ୟରେ ବୁଷ୍ଟର ଡୋଜ୍ ନେଇଥିବା ଲୋକଙ୍କ ସଂଖ୍ୟା ବହୁ କମ୍ ଥିବାରୁ କେନ୍ଦ୍ର ସରକାର ଚ଼ିନ୍ତା ବ୍ୟକ୍ତ କରିଛନ୍ତି ।ଅନ୍ୟପକ୍ଷରେ ରାଜ୍ୟରେ ୬୦ବର୍ଷରୁ ଅଧିକ ୬ଲକ୍ଷ ୪୩ହଜାର ୪୫୦ଜଣ ବ୍ୟକ୍ତି ନିଜର ଦ୍ୱିତୀୟ ଡୋଜ୍ ନେଇନାହାନ୍ତି । ଏହି ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ 'ହର ଘର ଦସ୍ତକ' ଅଭିଯାନ ଆରମ୍ଭ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ପୂର୍ବରୁ ନିର୍ଦ୍ଦେଶ ଜାରି କରିଛନ୍ତି ।

# କେବଳ ପ୍ରଥମ ସିଟିଂରେ ହେବ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୨୭।୪(ପି.ଏନ): ମାଟ୍ରିକ ପରୀକ୍ଷାରେ କେବଳ ପ୍ରଥମ ସିଟିଂରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ଦ୍ୱିତୀୟ ସିଟିଂରେ ହେବାକୁ ଥିବା ପରୀକ୍ଷା ପ୍ରଥମ ସିଟିଂରେ ହେବ । ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷାରେ ସାମାନ୍ୟ ପରିବର୍ତନ କରାଯାଇଛି । ତେବେ ସିଡ୍ୟୁଲରେ କୌଣସି ପରିବର୍ତନ କରାଯାଇନାହିଁ ବୋଲି ବୋର୍ଡ଼ ସଭାପତି ରାମାଶିଷ ହାଜାରା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ ମଧ୍ୟମା ପରୀକ୍ଷାର କିଛି ବିଷୟ ଦ୍ୱିତୀୟ ସିଟିଂରେ ହେବାକୁ ଥିଲା। ହେଲେ ପ୍ରବଳ ଖରାପାଇଁ ଏହି ସିଡ୍ୟୁଲରେ ପରିବର୍ତନ କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା ସେଂଟରରେ ପାନୀୟ ଜଳ, ଓଆରଏସ ରଖିବାକୁ କୁହାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ସମ୍ପୂର୍ଣ୍ଣରୂପେ ବାରଣ କରାଯାଇଛି। ଆସନ୍ତା ଏପ୍ରିଲ ୨୯ ରୁ ମେ ୭ ଯାଏଁ ସକାଳ ୮ ଟା ରୁ ୧୦ଟା ମାଟ୍ରିକ ପରୀକ୍ଷା ହେବ। ଚଳିତ ବର୍ଷ ୫,୮୫,୭୩୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୫,୭୧,୯୦୯ ଜଣ ହାଇସ୍କୁଲ, ୪,୪୪୩ ଜଣ ମଧ୍ୟମା ଏବଂ ୯,୩୭୮ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯୁଗସ୍ରଷ୍ଟା ସାଧକ ମନୋଜ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ




ଭୁବନେଶ୍ୱର, ୨୭।୪: ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯୁଗସ୍ରଷ୍ଟା ସାଧକ ମନୋଜ ଦାସଙ୍କ ପ୍ରଥମଶ୍ରାଦ୍ଧବାର୍ଷିକୀ ଅବସରରେ 'ତୁଙ୍ଗିମ ମନୋଜ ସ୍ମୃତିସନ୍ଧ୍ୟା' ଭୁବନେଶ୍ୱରସ୍ଥ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତହୋଇଯାଇଅଛି। ଆଜି ପୂର୍ବାହ୍ନରେ ଲେଖକଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲା ଭୋଗରାଇର ଶଙ୍ଖାରିଠାରେ ବୁଦ୍ଧିଜନସମାଗମର ସହ ପାଳନ ହେବା ପରେ ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ଭବନରେ ଆୟୋଜିତ ହୋଇଥିଲାଏହି ରାଜ୍ୟସ୍ତରୀୟ ସ୍ମୃତି ସଭା।ଉତ୍ସବରେ ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶ୍ରୀ ଜ୍ୟୋତ୍ରିକାଶପାଣିଗ୍ରାହୀ ଉଦ୍‌ଘାଟକ ଭାବେ ଯୋଗଦାନ କରି ମନୋଜ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତକରିଥିଲେ ଓ କହିଥିଲେ ଯେଯ ମନୋଜଙ୍କ ଶଙ୍ଖାରୀ ବାସଭୂମିକୁ ମନ୍ମଥ-ମନୋଜ ସ୍ମାରକୀ ପୀଠ ଭାବେ ବିକଶିତକରାଯିବ।ମନୋଜଙ୍କ ନାଁରେ ଜାତୀୟ ସ୍ତରରେ ଜଣେ ଇଂଲିଶ୍ ଲେଖକଙ୍କୁ ଦଶଲକ୍ଷ ଟଙ୍କାର ଏକ ପୁରସ୍କାରପ୍ରଦାନ ସହ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରରାଯାଇ ପ୍ରଥମ, ଦ୍ୱିତୀୟ ଓତୃତୀୟ ପ୍ରତିଯୋଗୀଙ୍କୁ ଏକଲକ୍ଷ ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ। ଏକାଡେମୀର ପୂର୍ବତନ ସଭାପତି ଓ ବିଶିଷ୍ଟସାହିତ୍ୟିକ ଶ୍ରୀ ସାତକଡ଼ି ହୋତା ମୁଖ୍ୟଅତିଥି, ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତା ଡକ୍ଟର ବିଭୂତି ପଟ୍ଟନାୟକ ବିଶିଷ୍ଟ ଅତିଥି,ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢ଼ୀ ବରେଣ୍ୟ ଅତିଥିଭାବେ ଯୋଗଦାନ କରି ଯୁଗସ୍ରଷ୍ଟା ସାଧକ ମନୋଜ ଦାସଙ୍କ ସାରସ୍ୱତକୃତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏକାଡେମୀର ସଭାପତି ବିଶିଷ୍ଟ କବି ଡକ୍ଟର ହୃଷୀକେଶ ମଲ୍ଲିକ ଏହି ସଭାରେ ପୌରୋହିତ୍ୟ କରିଥିଲେ ଏବଂ ସମାପନୀ ବକ୍ତବ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଏକାଡେମୀର ଉପସଭାପତି, ଅନୁବାଦକ ଓ କବି ଡକ୍ଟର ସଂଗ୍ରାମ ଜେନା। ଏକାଡେମୀର ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବରେଣ୍ୟ ଅତିଥିଙ୍କ ଦ୍ୱାରା ମନୋଜ ଦାସଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶ୍ରୀ ବିଜୟ ମଲ୍ଲ ।

# ନୀଳମାଧବ ପୀଠର ବିକାଶ ପାଇଁ ୧୦୦ କୋଟି ଟଙ୍କା ମଂଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୪(ପି.ଏନ): କଂଟିଲୋ ନୀଳମାଧବ ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ଲାଭ କରିଛି। ଏଥିନିମନ୍ତେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୧୮ ମାସ ମଧ୍ୟରେ କାମ ଶେଷ ହେବ। ସମ୍ବନ୍ଧିତ ଐତିହ୍ୟ ଓ କୀର୍ତିରାଜି ବିକାଶ ଯୋଜନା ରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ପ୍ରକଳ୍ପର ସଫଳ କାର୍ଯ୍ୟକାରୀତା ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଜନସାଧାରଣ ଓ ସେବାୟତ ମାନଙ୍କ ସହଯୋଗ କାମନା କରିଛନ୍ତି । ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନୀଳମାଧବ ପୀଠର ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ ଉପରେ ବିଚାର ବିମର୍ଷ ପରେ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିଲେ ।ଜଗନ୍ନାଥ ସଂସ୍କୃତି ସହ ନୀଳମାଧବ ପୀଠର ନିବିଡ ସଂପର୍କ ରହିଛି । ବିଶ୍ୱାସ କରାଯାଏ ଯେ ନୀଳମାଧବ ପୀଠ ବ୍ରହ୍ମାଦ୍ରୀ ପର୍ବତରେ ମହାପ୍ରଭୁ ନୀଳମଣି ଭାବରେ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ । ମହାପ୍ରଭୁଙ୍କ ଏହି ଆଦିରୂପକୁ ଦର୍ଶନ କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ନୀଳମାଧବ ପୀଠକୁ ଆସିଥାନ୍ତି । ବ୍ରହ୍ମାଦ୍ରୀ ପର୍ବତର ଉତର ଦିଗରେ ମହାନଦୀର ଭୀମକାନ୍ତ ରୂପ ଅତ୍ୟନ୍ତ ରମଣୀୟ । ପର୍ଯ୍ୟଟକ ମାନଙ୍କ ପାଇଁ ମଧ୍ୟ ଏହି ସ୍ଥାନ ଅନ୍ୟତମ ପ୍ରମୁଖ ଆକର୍ଷଣ। ଏହି ପବିତ୍ର ପୀଠର ସୁବ୍ୟବସ୍ଥିତ ବିକାଶ ଦ୍ୱାରା ଭକ୍ତ ଓ ପର୍ଯ୍ୟଟକ ସହିତ ସ୍ଥାନୀୟ ଅଂଚଳର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହେବ ।ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଗତ ସପ୍ତାହରେ ନୀଳମାଧବ ପୀଠ ପରିଦର୍ଶନ କରି ବିକାଶ ଯୋଜନା ସଂପର୍କରେ ସେବାୟତ ତଥା ସ୍ଥାନୀୟ ଜନସାଧାରଣଙ୍କ ଓ ଜିଲ୍ଲା ପ୍ରଶାସନ ସହ ବିସ୍ତୃତ ଆଲୋଚନା କରି ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ମାଷ୍ଟରପ୍ଲାନରେ ମୁଖ୍ୟତଃ ମନ୍ଦିରର ପୁନରୁଦ୍ଧାର,ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପରିକ୍ରମା ପଥ, ଚନ୍ଦନ ପୁଷ୍କରିଣୀର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ସହିତ ଚତୁପାର୍ଶ୍ୱ ରାସ୍ତାର ଉନ୍ନତୀକରଣ, ଛାୟାପ୍ରଦ ବୃକ୍ଷ, ଉଦ୍ୟାନ,ପାର୍କିଂ, ମହାନଦୀର କୂଳ ସୁରକ୍ଷା ଓ ନଦୀପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଆଦି ବିଷୟରେ ଗୁରୁତ୍ୱ ଦିଆଯାଇଛି । ମନ୍ଦିରକୁ ଯାଇଥିବା ତିଖା ପାହାଚ ଶ୍ରେଣୀର ପୁନରୁଦ୍ଧାର କରାଯାଇ ଭକ୍ତ ମାନେ ଯେପରି ସୁବିଧା ରେ ଯାଇ ପାରିବେ ତଦନୁଯାୟୀ ବିକାଶ କରାଯିବ। ଏହା ସହିତ ପୂର୍ବ, ପଶ୍ଚିମ, ଉତର, ଦକ୍ଷିଣ ଚାରି ଦ୍ୱାରର ଉନ୍ନତୀକରଣ କରାଯିବ। ବୟସ୍କ ଓ ଭିନ୍ନକ୍ଷମ ମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ, ସେଥିପାଇଁ ପଶ୍ଚିମ ଦ୍ୱାରରେଲିଫ୍ଟ ଓ ସ୍କାଏ ବ୍ରିଜ୍ ର ସୁବିଧା ର ବିକାଶ କରାଯିବ। ମନ୍ଦିର ପରିସର ଓ ଆଖପାଖ ଅଂଚଳରେ ଖଣ୍ଡାଲାଇଟ ପଥର ବିଛାଯିବା ସହିତ ମନ୍ଦିର ଓ ଠାକୁରଙ୍କ ବଗିଚାର ବିକାଶ କରାଯିବ। ଏହାସହିତ ରାସବିହାରୀ ମଣ୍ଡପ, ରଘୁନାଥ ମଠ ଓ ବାଟମଙ୍ଗଳା ମନ୍ଦିରର ମଧ୍ୟ ବିକାଶ କରାଯିବ। ଯାତ୍ରୀ ମାନଙ୍କ ଜିନିଷପତ୍ର ରଖିବା ନିମନ୍ତେ ବ୍ୟବସ୍ଥା (କ୍ଲକ୍ ରୁମ୍) ଏବଂ ପଦପ୍ରକ୍ଷାଳନ ବ୍ୟବସ୍ଥାର ମଧ୍ୟ ନିର୍ମାଣ କରାଯିବ ।ମନ୍ଦିରକୁ ପ୍ରବେଶ ପାଇଁ ପୂର୍ବ ଓ ପଶ୍ଚିମ ପାର୍ଶ୍ୱ ସଡକର ପ୍ରଶସ୍ତିକରଣ କରାଯିବ। ପୂର୍ବ ପାର୍ଶ୍ୱ ସଡକକୁ ୯ ମିଟର ଓ ପଶ୍ଚିମ ପାର୍ଶ୍ୱ ସଡକକୁ ୧୨ ମିଟର ପ୍ରଶସ୍ତ କରାଯିବ। ମହାନଦୀର କୁଳକ୍ଷୟରୁ ମନ୍ଦିର କୁ ସୁରକ୍ଷା ଯୋଗାଇବା ପାଇଁ ୪୦୦ ମିଟର ପ୍ରୋଟେକ୍ଟିଭ୍ ୱାଲ୍ ନିର୍ମାଣ କରାଯିବ.ଏହି ପ୍ରକଳ୍ପ ପାଇଁ ସମୁଦାୟ ଦୁଇ ଏକର ଜମି ଆବଶ୍ୟକ ପଡିବ। ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଜମି ଅଧିଗ୍ରହଣ କରିବେ। ପୂର୍ତ୍ତ ବିଭାଗ ଜରିଆରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ମହାନଦୀ କୁଳକ୍ଷୟ ରୋକିବା ପାଇଁ ପ୍ରୋଟେକ୍ଟିଭ୍ ୱାଲ୍ କାମ ଜଳସମ୍ପଦ ବିଭାଗ କରିବ ବୋଲି ଜଣାଯାଇଛି ।ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ପ୍ରକଳ୍ପ ସଂପର୍କରେ ଉପସ୍ଥାପନା ରଖିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ଜଳସଂପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ ଓ ନୟାଗଡ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ତାତିରେ ସିଝୁଛି ଓଡିଶା

ଭୁବନେଶ୍ୱର,୨୭।୪(ପି.ଏନ): ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ରାଜ୍ୟର ୨୪ ସହରରେ ଦିନର ତାତି ୪୦ ଡ଼ିଗ୍ରୀ ଉପରେ ରେକର୍ଡ ହୋଇଛି। ସେହିପରି ୧୧ ସହରରେ ତାପମାତ୍ରା ୪୩ ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଥିବା ବେଳେ ୪ ସହରର ତାପମାତ୍ରା ୪୪ ଉପରେ ରହିଛି। ସୋନପୁରରେ ସର୍ବାଧିକ ୪୪.୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଅନୁଗୋଳ ୪୪.୧, ଝାରସୁଗୁଡ଼ା ୪୪ ଓ ବଲାଙ୍ଗିର ୪୪ ଡିଗ୍ରୀ ତାପମାତ୍ରା ରହିଥିଲା। ଅପରପକ୍ଷରେ ୨ ଦିନର ବ୍ୟବଧାନ ପରେ ରାଜଧାନୀ ଭୁବନେଶ୍ୱରରେ ତାତି ପୁଣି ୪୦ ପାର୍ କରିଛି। ବୁଧବାର ଏଠାରେ ୪୦.୩ ଡିଗ୍ରୀ ରେକର୍ଡ ହୋଇଛି ।ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ସମ୍ବଲପୁରରେ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ରେ ୪୩.୫, ହୀରାକୁଦରେ ୪୩.୧, ଟିଟିଲାଗଡ଼ରେ ୪୩.୨, ଦେବଗଡ଼ରେ ୪୩, ବରଗଡ଼ରେ ୪୩.୪ ଓ ବୌଦ୍ଧରେ ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି ।ଅନ୍ୟପକ୍ଷରେ ବାରିପଦାରେ ତାପମାତ୍ରା ୪୨.୬ ଡିଗ୍ରୀ ରହିଥିବା ବେଳେ ଭବାନୀପାଟଣାରେ ୪୨.୫, ପାରଳାଖେମୁଣ୍ଡିରେ ୪୨.୩, କେନ୍ଦୁଝରରେ ୪୧.୬, ଭଦ୍ରକରେ ୪୧, ଯାଜପୁରରେ ୪୧.୨, ଢେଙ୍କାନାଳରେ ୪୧, ନୂଆପଡ଼ାରେ ୪୧.୫, ଖୋର୍ଦ୍ଧାରେ ୪୧.୫, ନୟାଗଡ଼ରେ ୪୧, ଭୁବନେଶ୍ୱରରେ ୪୦.୩, ଚାନ୍ଦବାଲିରେ ୪୦.୨ ଓ ବାଲେଶ୍ୱରରେ ୪୦.୧ ଡିଗ୍ରୀ ରେକର୍ଡ କରାଯାଇଛି ।କଟକରେ ଆଜି ଦିନର ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀରେ ୩୯.୬, ମାଲକାନଗିରିରେ ୩୯.୫, କେନ୍ଦ୍ରାପଡ଼ାରେ ୩୮.୮, ନବରଙ୍ଗପୁରରେ ୩୮, କୋରାପୁଟରେ ୩୭.୬ ଓ ଜଗତସିଂହପୁରରେ ୩୬.୫ ଡିଗ୍ରୀ ରେକର୍ଡ କରାଯାଇଛି।

# ଆଜିଠାରୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୨୭।୪(ପି.ଏନ): ଆସନ୍ତାକାଲି (ଗୁରୁବାର) ଠାରୁ ଆରମ୍ଭ ହେବ +୨ ପରୀକ୍ଷା। ଏପ୍ରିଲ୍ ୨୮ ତାରିଖରୁ ଆରମ୍ଭ ହୋଇ ମେ ୩୧ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଚଳିତ ବର୍ଷ ମୋଟ ୩,୨୧,୫୦୮ ଜଣ ପରୀକ୍ଷାର୍ଥୀ ଉଚ୍ଚ ମାଧ୍ୟମିକ ବା +୨ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୨,୧୩,୪୩୨ ଜଣ କଳା, ୭୮,୦୭୭ ଜଣ ବିଜ୍ଞାନ, ୨୪,୧୩୬ ଜଣ ବାଣିଜ୍ୟ ଏବଂ ୫,୮୬୩ ଜଣ ଧନ୍ଦାମୂଳକ ଶିକ୍ଷାର ଛାତ୍ରଛାତ୍ରୀ ଅଟନ୍ତି । ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁଥିବା ଏହି ପରୀକ୍ଷା ନିମନ୍ତେ ୧,୧୩୩ ଟି ପରୀକ୍ଷା କେନ୍ଦ୍ର ଏବଂ ୨୦୨ ଟି ପରୀକ୍ଷା ପରିଚାଳନା ହବ୍ (ନୋଡାଲ୍ ସେଂଟର) କରାଯାଇଛି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଆଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡ଼ିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଏପ୍ରିଲ ୨୮

—ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୪ତମ ଜୟନ୍ତୀ ଉପଲକ୍ଷେ...—

# ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା ମଧୁବାବୁ





ମାନବ ଜାତି ପାଇଁ ଯେତେବେଳେ ଘଡିସନ୍ଧି ମୁହୂର୍ତ୍ତ ଆସେ, ଯେତେବେଳେ ଜାତିର ଅଧଃପତନ ଘଟେ, ସେତେବେଳେ ଅବକ୍ଷୟମୁଖୀ ଜାତିର ଗରିମାମୟ ଐତିହ୍ୟ ତଥା ମୂଲ୍ୟବୋଧକୁ ଜାତିପ୍ରାଣରେ ଉଜ୍ଜିବୀତ କରିବା ପାଇଁ କେହି ନା କେହି ଅତିମାନବ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି । ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ରହି ଯେତେବେଳେ ଓଡ଼ିଆ ଜାତି ତାର ଆତ୍ମପରିଚୟ ଖୋଜୁଥିଲା, ଭାଷାବିଲୋପ ଆନ୍ଦୋଳନର ପ୍ରଭାବରେ ଓଡ଼ିଆ ଭାଷା ଯେତେବେଳେ ତାର ଅସ୍ତିତ୍ୱ ହରାଇ ବସିଲା, ଇତିହାସର ସେହି ସନ୍ଧିକ୍ଷଣରେ ଧରାବତରଣ କରିଥିଲେ ସେ । ଜାତିପ୍ରାଣରେ ଭରିଥିଲେ ସ୍ୱାଭିମାନର ମନ୍ତ୍ର । ମାତୃଭୂମି ଓ ମାତୃଭାଷା ପ୍ରତି ସୃଷ୍ଟି କରିଥିଲେ ଜାତୀୟତାଭାବ । ସେ ହେଉଛନ୍ତି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର, ଜାତି ପ୍ରାଣ,ସ୍ୱାଭିମାନର ମନ୍ତ୍ରଦାତା, କୁଳବୃଦ୍ଧ, ଉତ୍କଳ ଗୌରବ ମଧୁସୂଦନ ଦାସ । ସବୁରି ପ୍ରିୟ ମଧୁବାରିଷ୍ଟର-ମଧୁବାବୁ । ଉତ୍କଳ ଜନନୀର ଏହି ସୁଯୋଗ୍ୟ ସନ୍ତାନଙ୍କ ଜନ୍ମ ହୋଇଥିଲା କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଓ ଦେହାବସାନ ଘଟିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ । ସତ୍ୟଭାମାପୁରରୁ - ମଧୁକୋଠରୀ ଓ ମଧୁକୋଠରୀରୁ - ଗୋରାକବର ପର୍ଯ୍ୟନ୍ତ ଦୀର୍ଘ ୮୬ ବର୍ଷ ଘଟଣାବହୁଳ ଜୀବନର ପରିସମାପ୍ତି ଘଟିଲା ।

ମଧୁବାବୁ ଥିଲେ କ୍ରାନ୍ତି ଦ୍ରଷ୍ଟା ଓ ସ୍ରଷ୍ଟା । ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା । ଆଜି ଏକ ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ କଥା ଚିନ୍ତା କଲାବେଳେ ତାଙ୍କ ନାମ ସ୍ୱତଃ ମନକୁ ଆସେ । ସେତେବେଳେ ଓଡ଼ିଶା ଥିଲା ଏକ ଭୌଗୋଳିକ ନାମ ମାତ୍ର । ଖଣ୍ଡବିଖଣ୍ଡିତ ଓଡ଼ିଶା ଓ ଲୁପ୍ତପ୍ରାୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାର ସ୍ୱର ପ୍ରଥମେ ସେ ହିଁ ଉତ୍ତୋଳନ କରିଥିଲେ । ଏହାର ପରିଣତି ହେଲା ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ କଟକର ଇଦ୍‌ଗା ପଡିଆରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ମଞ୍ଚରେ ରାଜା-ମହାରାଜା, ବୁଦ୍ଧିଜୀବୀ, ସାହିତ୍ୟିକ, କବି ଓ ସାଧାରଣ ଜନତାଙ୍କୁ ସାମିଲ କରାଇ ଜାତୀୟତା ମନ୍ତ୍ରରେ ସେମାନଙ୍କୁ ପ୍ରଭାବିତ କରାଇଥିଲେ । ଏହି ସମ୍ମିଳନୀର ନିରବଚ୍ଛିନ୍ନ ପ୍ରୟାସର ଫଳସ୍ୱରୂପ ସମଗ୍ର ଭାରତବର୍ଷରେ ଓଡ଼ିଶା ଭାଷା ଭିତ୍ତିରେ ପ୍ରଥମ ପ୍ରଦେଶ ହେବାର ମାନ୍ୟତା ପାଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ । କିନ୍ତୁ ନିଜର ସ୍ୱପ୍ନର ଭୂଇଁକୁ ଦେଖିବାକୁ ସେ ନଥିଲେ । ସେ ବାହୁଡି ଗଲେ ତାର ଦୁଇବର୍ଷ ପୂର୍ବରୁ । ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଉଛି ତାଙ୍କ ଐକାନ୍ତିକ ତ୍ୟାଗ, ସଂଗ୍ରାମ ଓ ସଙ୍କଳ୍ପର ଫଳ ।

ମଧୁବାବୁଙ୍କ କର୍ମମୟ ଜୀବନ ଥିଲା ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ନିଜ ଜୀବନକାଳରେ ତାଙ୍କ ଏକମାତ୍ର ଧ୍ୟେୟ ଥିଲା ଏକ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ନିର୍ମାଣ । ସେଥିପାଇଁ ଅକୁଣ୍ଠିତ ଚିତ୍ତରେ ଅଜାଡି ଦେଇଥିଲେ ସେ ନିଜ ଜୀବନର ସବୁକିଛି ସାମର୍ଥ୍ୟ, ସୌକୁମାର୍ଯ୍ୟ । ଅଜସ୍ର ଅର୍ଥ ଉପାର୍ଜନ କରି ସୁଖରେ କାଳାତିପାତ ନକରି ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସବୁକୁ ଅକାତର ଭାବେ ଦାନ କରିଦେଇଥିଲେ । ସେଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ । ସେ ହେଉଛନ୍ତି ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ ଇମ୍ପେରିଆଲ୍ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ । ଖାଲି ସେତିକି ନୁହେଁ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାରେ ସେ ଅଦ୍ୟାବଧି ପ୍ରଥମ ଓଡ଼ିଆ । କହିବା ବାହୁଲ୍ୟ ଯେ ମଧୁସୂଦନଙ୍କ ପୂର୍ବରୁ ମାତ୍ର ଦୁଇଜଣ ଭାରତୀୟ ଯଥା ଦାଦାଭାଇ ନାରୋଜି ଓ ସୁରେନ୍ଦ୍ରନାଥ ବାନାର୍ଜୀ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ । ସେ ସର୍ବଦା କହୁଥିଲେ - ମୋ ଜାତି ଅନୁନ୍ନତ ହେଲେ ବି ଅନ୍ୟ ଜାତିର କୌଣସି ପ୍ରଥମ ଗ୍ରାଜୁଏଟ୍ ମୋ ପରି ଏତେ କାମ କରିନାହାନ୍ତି । ଯଦି ଓଡ଼ିଶାର ପ୍ରଥମ ଗ୍ରାଜୁଉଟ୍ ଏସବୁ କରିପାରିଲା, ତାହେଲେ ପରବର୍ତ୍ତୀ ବଂଶଧରମାନେ ଯଦି ଜଣେ ବ୍ୟକ୍ତି ରୂପେ ନୁହେଁ ଏକ ଜାତିର ଜଣେ ରୂପେ ନିଜର ଦାୟିତ୍ୱ ହୃଦୟଙ୍ଗମ କରନ୍ତି ତାହେଲେ ସେମାନେ ଏଦିଗରେ ବହୁତ କାର୍ଯ୍ୟ କରିପାରିବେ ।

**ମଧୁ ବାରିଷ୍ଟର**-ଏକ ମଧୁର ଉଚ୍ଚାରଣ । ପାଠପଢାରୁ ଓକିଲାତି । ସବୁଥିଲେ ତାଙ୍କର ଅନନ୍ୟ ପରିଚୟ । ଓକିଲାତି ତାଙ୍କ ଜୀବନ ଥିଲା । ସେ ସମୟରେ କଟକରେ ପ୍ରାୟ ସବୁ ଓକିଲ ବଙ୍ଗାଳୀ । ମାତ୍ର ସ୍ୱଳ୍ପ ସମୟ ଭିତରେ ମଧୁବାବୁ ନିଜର ଦକ୍ଷତା ଓ ବାଗ୍ମିତା ବଳରେ ସବୁ ବଙ୍ଗାଳୀ ଓକିଲଙ୍କ ସହ ପ୍ରତିଯୋଗିତା କରି ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇପାରିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି, ପାଣ୍ଡିତ୍ୟ ଓ ବାଗ୍ମିତା ବିଚାରପତିମାନଙ୍କୁ ମୁଗ୍ଧ କରିଦେଉଥିଲା । ୧୮୮୭ ମସିହାରେ ପୁରୀ ମନ୍ଦିର ମୋକଦ୍ଦମା ତାଙ୍କ ଓକିଲାତି ଜୀବନର ଏକ ମାଇଲଖୁଣ୍ଟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଉତ୍କଳର ଇଷ୍ଟଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଅଦାଲତରେ ଲଢେଇ କରି ଓଡ଼ିଆ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦାକୁ ରକ୍ଷା କରିବାରେ ସଫଳ ହୋଇଥିଲେ ସେ । ଏହି ମୋକଦ୍ଦମା ଛଡା ଅନ୍ୟ ବଡ ବଡ ମୋକଦ୍ଦମାରେ ସେ ବିଜୟୀ ହେବାର ଅନେକ ନଜିର ଅଛି । ଖାଲି ସେତିକି ନୁହେଁ ତାଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ଭାରତରେ ମହିଳାମାନେ କୋର୍ଟରେ ଓକିଲାତି କରିବାର ସୁଯୋଗ ପାଇଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତା, ବିଚକ୍ଷଣତା ଓ ସର୍ବୋପରି ହାସ୍ୟରସ ଉଦ୍ରେକ କରିବାର ଶକ୍ତି ତାଙ୍କୁ ଓକିଲାତି ବ୍ୟବସାୟରେ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଥିଲା । ସେଥିପାଇଁ ତାଙ୍କୁ ମଧୁ ବାରିଷ୍ଟର ବୋଲି କୁହାଯାଏ ।

ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଇଥିଲେ ମଧୁବାବୁ । ସେ ଥିଲେ ଓଡ଼ିଶାର ପ୍ରଥମ ଶିଳ୍ପଦ୍ୟୋଗୀ । ତାଙ୍କ ପ୍ରତିଷ୍ଠିତ 'ଉତ୍କଳ ଟ୍ୟାନେରୀ'ର ଜୋତା ସେତେବେଳେ ୧୯୧୪ ପ୍ରଥମ ବିଶ୍ୱଯୁଦ୍ଧରେ ଆମଦାନୀ କରି ବ୍ୟବହାର କରିଥିଲେ ଜର୍ମାନ ସୈନିକଗଣ । ଯେଉଁଥିପାଇଁ ମଧୁବାବୁଙ୍କ ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧି କହିଥିଲେ - "ମଧୁବାବୁଙ୍କୁ ଭେଟିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଥିଲେ ଜଣେ ମହାନ୍ ଦେଶପ୍ରେମୀ"। ଦେଶର ଯୁବଶକ୍ତିକୁ ଶ୍ରମର ମର୍ଯ୍ୟାଦା ସମ୍ପର୍କରେ ଶିକ୍ଷାଦେବା ପାଇଁ ସେ ଯତ୍ନବାନ ଥିଲେ । କୌଣସି ପରିସ୍ଥିତିରେ ସେ ନିଜର ସ୍ୱାଭିମାନ ଜଳାଞ୍ଜଳି ଦେଇନଥିଲେ । ଯେଉଁଥିପାଇଁ ଅନ୍ତର୍ଜାତିକ ମାନ୍ୟତା ହାସଲ କରିଥିବା ଉତ୍କଳ ଟ୍ୟାନେରୀ ପାଇଁ ସର୍ବସ୍ୱାନ୍ତ ହୋଇଯାଇଥିଲେ । ପରେ ସେ ଦେବାଳିଆ ବୋଲି ଘୋଷଣା କରାଯାଇଥିଲା । ତଥାପି ସେ ନିଜର ସ୍ୱାଭିମାନ ଛାଡିନଥିଲେ । ନିଜର ସ୍ୱାଭିମାନ ବଜାୟ ରଖିବା ପାଇଁ ପରିଣତ ବୟସରେ ବି ସେ କଚେରୀକୁ ଯାଇ ଓକିଲାତି କରିଥିଲେ । କେବଳଖ ସେତିକୁ ନୁହଗେଁ ସମଗ୍ର ଓଡ଼ିଆ ଜାତିକୁ ସ୍ୱାବଲମ୍ବୀ କରିବା ପାଇଁ ସେ ଆରମ୍ଭ କରିଥିଲେ ସୁନାରୂପାର ତାରକସି ଶିଳ୍ପ ଓ ବୟନଶିଳ୍ପ । ଆଜି ଓଡ଼ିଶାର ତାରକସି ଶିଳ୍ପ, ସମ୍ବଲପୁରୀ ଶାଢୀ, ବ୍ରହ୍ମପୁରୀ ପାଟ, ଓଡ଼ିଆ ଶିଳ୍ପୀଙ୍କ ଯେଉଁ ଅପୂର୍ବ ଶିଙ୍ଗ କାମ ଭାରତ ଓ ଭାରତ ବାହାରେ ଯେଉଁ ଟେକ ରଖିପାରିଛି, ତାପଛରେ ରହିଛି ମଧୁବାବୁଙ୍କ ସ୍ୱଦେଶୀ ସ୍ୱପ୍ନ ଓ ତାର ରୂପାୟନ ।

ମଧୁସୂଦନ ଜାତୀୟ ଜୀବନ ଉପରେ ଗୁରୁତ୍ୱ ଦେଉଥିଲେ । ଜାତିର ଟେକ ରଖିବାକୁ ସେ ସବୁବେଳେ କହୁଥିଲେ । ଓଡ଼ିଶାରେ ଜନ୍ମ ହୋଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିଲେ । ୧୯୧୨ ମସିହା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ସେ କହିଥିଲେ - "ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି । ଉତ୍କଳମାତା କୋଳରେ ମୋର ଅସ୍ଥି, ମାଂସ ରହିବ । ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି, ସେମାନେ ମୋ ପୂର୍ବପୁରୁଷ । ତାଙ୍କ କୀର୍ତ୍ତିରକ୍ଷାର ଭାର ମୋ ଉପରେ ନ୍ୟସ୍ତ" । ଉତ୍କଳ ତଥା ଦେଶର ଗୌରବ ବୃଦ୍ଧି ପାଇଁ ପ୍ରତ୍ୟେକ ପାଞ୍ଚ ମିନିଟ୍ ସମୟ ଦେବାକୁ ଆକୁଳ ନିବେଦନ କରି କହିଥିଲେ - ଉତ୍କଳର ଅସ୍ତମିତ ଗୌରବର ବିଷୟ ଥରେ ଚିନ୍ତାକର । ଏଭଳି ଚିନ୍ତା-ଚେତନାର ନେତା ଆଜିର ଦୁନିଆରେ ବିରଳ । ଖାଲି ସେତିକି ନୁହେଁ ସେ ଥିଲେ ଜଣେ ଜାତୀୟତାବାଦୀ କବି । ତାଙ୍କ କବିତାରେ ଜାତୀୟତା ଭାବ ଓ ତତ୍କାଳୀନ ଦେଶର ଅବସ୍ଥା ବେଶ୍ ପ୍ରତିଫଳିତ ହୋଇଥିଲା । ସେଥିପାଇଁ ସେ କହୁଥିଲେ ଅତୀତର ଉଦ୍‌ବୋଧନ ମଣିଷ ଇତିହାସରୁ ପାଏ । ଇତିହାସ ଅତୀତ ମଣିଷ ଓ ଜାତିର ସ୍ମାରକୀଲିପି ।

ଓଡ଼ିଆ ଜାତିର ଏହି ମୁକୁଟ ବିହୀନ ସମ୍ରାଟ ଆଜି ଆମ ଗହଣରେ ନାହାଁନ୍ତି । ତାଙ୍କ ୧୭୩ତମ ଜୟନ୍ତୀ ପାଳନ ଅବସରରେ ଅନେକ କଥା ମନେପଡୁଛି । ଓଡ଼ିଶା ପାଇଁ, ଓଡ଼ିଆ ଜାତି ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଆଜି ନେତା ଅଛନ୍ତି, ହେଲେ ସେଭଳି ନେତୃତ୍ୱ ନାହିଁ ଓଡ଼ିଆ ଜାତିକୁ ମୁହ୍ୟମାନ ନିଦ୍ରାରୁ ଉଠାଇବା ପାଇଁ ?

**ହିମାଂଶୁଶେଖର ଆଚାର୍ଯ୍ୟ**, ଜଗତସିଂହପୁର, ମୋ-୯୩୩୭୨୨୧୯୨୪

—ବିଦାୟ କସ୍ତୁରୀ ମୃଗ...—

## ଆଖି ବୁଜିଲେ ପାଟଦେଈ






ଓଡ଼ିଆ କଥା ସାହିତ୍ୟର 'ସବୁଜ ଅରଣ୍ୟ'ରେ ସେ ଥିଲେ କଥା ସାମ୍ରାଜ୍ଞୀ 'କସ୍ତୁରୀ ମୃଗ'। ତାଙ୍କ ରଚନାରେ ବାସ୍ନାୟିତ ହେଉଥିଲା ଓଡ଼ିଆ ସାହିତ୍ୟର ଚଉହଦି। ତାଙ୍କ ବିପୁଳ ସାରସ୍ୱତ ସମ୍ଭାରରେ ମହମହ, ଗହଗହ ହେଉଥିଲା ସାହିତ୍ୟ ଜଗତ। ବୈଚିତ୍ର୍ୟମୟ ଜୀବନର କଥା, ଅବହେଳିତ ମଣିଷର ବ୍ୟଥା, ନାରୀର ପୀଡ଼ନ-କଷଣର ସଂଘର୍ଷମୟ ଜୀବନଯାତ୍ରାଠାରୁ ଆରମ୍ଭ କରି, ତମାମ ଜୀବନ ଜଞ୍ଜାଳରୁ ଉତ୍ତୀର୍ଣ୍ଣ ହେବାର ସାଧନା ପଥ ଚିତ୍ରିତ ହୋଇଥିଲା ତାଙ୍କ ସୃଷ୍ଟିରେ, ତାଙ୍କ ସର୍ଜନାରେ। ବୀମାବାଦ ଧ୍ୱଜାଧାରୀ ଓ ଦୃପ୍ତ ଦୃଢ଼ ନାରୀ ସ୍ୱର ହେଲେ ବି ପୁରୁଷର ମର୍ମବେଦନାକୁ ସେ ଅଣଦେଖା କରିନାହାନ୍ତି। କୌଣସି ବାଦ, ଉଦ୍ଦେଶ୍ୟ କି ଅଭିଳାଷା ଭିତରେ ସେ ଚରିତ୍ର ମାନଙ୍କ ପରିଣତି ବଦଳାଇ ଦେଇନାହାନ୍ତି ଇଚ୍ଛା କରି। ତାହା ହିଁ ବୀଣାପାଣିଙ୍କ ସର୍ଜନର ସାର୍ଥକତା। ପଦ୍ମଶ୍ରୀ ବୀଣାପାଣି ମହାନ୍ତି ଆଜି ନାହାନ୍ତି ସତ; ହେଲେ କସ୍ତୁରୀ ମୃଗ ସହ ସେ ବାଣ୍ଟି ଦେଇ, ବିଛାଡ଼ି ଦେଇ ଯାଇଥିବା ସାରସ୍ୱତ କୃତିର ବାସ୍ନା ତାଙ୍କୁ ଅମର ଓ ଅମୃତମୟ କରି ରଖିଥିବ ଚିରକାଳ। ତାଙ୍କ କଥା କସ୍ତୁରୀର ମହକ ରହିଥିବ କାଳକାଳକୁ। ମହକିତ କରୁଥିବ ଓଡ଼ିଆ ଜନମାନସକୁ।




**ବୃତ୍ତି ଅଧ୍ୟାପନା, ପ୍ରବୃତ୍ତି ସାହିତ୍ୟ ସାଧନା:** ବୀଣାପାଣି ମହାନ୍ତି ବୃତ୍ତିରେ ଥିଲେ ଅର୍ଥନୀତି ପ୍ରାଧ୍ୟାପିକା। କିନ୍ତୁ ପ୍ରବୃତ୍ତି ଥିଲା କିନ୍ତୁ ସାରସ୍ୱତ ସାଧନା। ପ୍ରଥମେ କବିତା ଲେଖିଥିଲେ। ପରେ କବିତା ସହ କ୍ଷୁଦ୍ରଗଳ୍ପ, ଉପନ୍ୟାସ ଲେଖିଲେ।

ବୀଣାପାଣି ମହାନ୍ତିଙ୍କ ପୈତୃକ ଘର କେନ୍ଦ୍ରାପଡ଼ାରେ। ବାପା ଚତୁର୍ଭୁଜ ମହାନ୍ତି ବ୍ରହ୍ମପୁରରେ ଚାକିରି କରିଥିଲେ। ସେଇଠି ବୀଣାପାଣିଙ୍କ ଜନ୍ମ। ବୀଣାପାଣି ପଞ୍ଚମରେ ପଢୁଥିବାବେଳେ ବାପା ସର୍କଲ ଇନସପେକ୍ଟର ଭାବେ କଟକ ବଦଳି ହୋଇ ଆସିଲେ। କଟକର ସେଲଟର ଗାର୍ଲସ ସ୍କୁଲର ପଞ୍ଚମ ଶ୍ରେଣୀରେ ନାମ ଲେଖାଇଲେ। ସେହିଦିନୁ କଟକ ପ୍ରେମରେ ପଡିଥିଲେ ସେ। ତାଙ୍କ ପାଇଁ ଶିକ୍ଷା, ଅଧ୍ୟାପନା ବୃତ୍ତି, ସାରସ୍ୱତ ସାଧନାର ପୀଠ କଟକ ସହର। ସେ ନିଜେ କହନ୍ତି, ଭାଗ୍ୟରେ ଥିଲେ ଜୁଟେ କଟକ। ଆଉ କଟକ ମୋତେ ସବୁ ଦେଇଛି। ଶେଷରେ କଟକ ମା'କୋଳରେ ଚିରନିଦ୍ରାରେ ଶୋଇଗଲେ ସେ।

ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଜୀବନଧାରାର ଜଣେ ସମର୍ଥ ଚିତ୍ରକର। ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ସାରସ୍ୱତ କାନନରେ ଜଣେ ତପନିଷ୍ଠ ସାଧିକା। ତାଙ୍କ ସୃଷ୍ଟି ଏ ମାଟି ଓ ମଣିଷଙ୍କ ପାଇଁ ସମର୍ପିତ। ସାହିତ୍ୟାକାଶର ସେ ଦିଗବାରେଣୀ। ଗଳ୍ପ ଓ ଉପନ୍ୟାସ ସର୍ଜନାରେ ସମୃଦ୍ଧ ବାଣୀ ଭଣ୍ଡାର। ପାଟଦେଈ, କସ୍ତୁରୀ ମୃଗ, ସବୁଜ ଅରଣ୍ୟ ଓ ଖେଳଘର ପାଇଛି ଶ୍ରେଷ୍ଠ ପାଠକୀୟ ପ୍ରେମ। ଅନେକ ସମ୍ମାନ ଓ ସ୍ୱୀକୃତିରେ ସେ ମହୀୟସୀ। ଅର୍ଥନୀତି ଅଧ୍ୟାପକ ସତ୍ତ୍ୱେ ଲାଭ-କ୍ଷତିର ଜଟିଳ ଅଙ୍କ ଭିତରେ ସେ ଆଙ୍କିଛନ୍ତି ନାରୀ ଜୀବନର ଗହନ କଥା। ବିବିଧ ଜାତୀୟ ଅନ୍ତର୍ଜାତୀୟ ଭାଷାରେ ଅନୁଦିତ ତାଙ୍କ ପୁସ୍ତକଗୁଡ଼ିକର ପାଠକପ୍ରିୟତା ଓ ଧାରାବାହିକ ଏବଂ ଟେଲି ଚଳଚ୍ଚିତ୍ରର କାହାଣୀକୁ ମିଳିଛି ଦର୍ଶକୀୟ ପ୍ରଶସ୍ତି। ଜଗତ ଓ ଜୀବନ ପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ ଦିଗ୍‌ବଳୟ ଭେଦୀ। ଜାତି, ଲିଙ୍ଗ, ଭାଷା ଓ ଭୂଗୋଳକୁ ନେଇ ସେ କେଉଁଠି ଏକଦେଶଦର୍ଶୀ ହୋଇନାହାନ୍ତି, ବରଂ ସମୁଚିତ ବିଚାରରେ ତାଙ୍କ ଗଳ୍ପର ଚରିତ୍ର ସହିତ ସେ ଏକାତ୍ମ। ତାଙ୍କ ଅବର୍ତ୍ତମାନ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଆଣିଛି ବିରାଟ ଶୂନ୍ୟତା।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨
E-mail : badal009bhuyan@gmail.com

## ଆଜିର ଅନୁଚିନ୍ତା

*ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

E-mail: editorpbkc@gmail.com
9853400829 (M), Fax: 0674-2550504

# ହାତୀ-ମଣିଷ ଲଢେଇର ଶେଷ କେବେ ?



ଆମ ଦେଶରେ ଜନ ସଚେତନତା ଅଭାବରୁ ବନ୍ୟଜନ୍ତୁ ମାନଙ୍କୁ ଉପଯୁକ୍ତ ସୁରକ୍ଷା ମିଳି ପାରୁନାହିଁ। କେତେକ ଅଂଚଳର ଲୋକମାନେ ନିଜ ଜମି, ଫସଲ ଓ ଘରକୁ ଜଙ୍ଗଲୀ ପଶୁଙ୍କ ଠାରୁ ରକ୍ଷା ପାଇଁ ବନ୍ୟ ଜନ୍ତୁଙ୍କୁ ମାରିବାକୁ ବାଧ୍ୟ ହୁଅନ୍ତି ବୋଲି କୁହାଯାଏ। ଅନ୍ୟପକ୍ଷରେ କିଛି ଶିକାରୀ ନିଜର ଖାଦ୍ୟ ଓ ବ୍ୟବସାୟ ପାଇଁ ନିରୀହ ବନ୍ୟ ପଶୁଙ୍କୁ ଶିକାର କରନ୍ତି। ମୋଟ ଉପରେ ବନ୍ୟଜନ୍ତୁଙ୍କୁ ହତ୍ୟା କରିବା ବା ସେମାନଙ୍କ ମୃତ୍ୟୁ ନିଶ୍ଚୟ ଚିନ୍ତାର ବିଷୟ। ଏଥିପାଇଁ ମଣିଷ ଓ ବଣୁଆ ପଶୁଙ୍କ ମଧ୍ୟରେ ବଢୁଥିବା ମୁହାଁମୁହିଁ ସଂଘର୍ଷକୁ ରୋକା ଯିବାର ଆବଶ୍ୟକତା ରହିଛି। ଏହି ଲଢେଇରେ କେବଳ ବହୁ ସଂଖ୍ୟାରେ ପଶୁ ନୁହନ୍ତି, ବରଂ ମଣିଷ ମାନଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଭାରତ ସରକାରଙ୍କର ଜଙ୍ଗଲ ମନ୍ତ୍ରଣାଳୟର ହିସାବ ଅନୁଯାୟୀ ୨୦୧୪ ରୁ ୨୦୧୭ ମଧ୍ୟରେ ହାତୀ, ବାଘ, ଚିତା ବାଘ ଓ ଭାଲୁ ଭଳି ଜଙ୍ଗଲୀ ପଶୁଙ୍କ ସହ ମଣିଷର ସିଧା ସଂଘର୍ଷ ବେଳେ ୧୬୦୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ପ୍ରତିଦିନ ଗୋଟିଏ ମଣିଷ ମରୁଛନ୍ତି।୨୦୧୯ ମସିହାର ସରକାରୀ ତଥ୍ୟ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ କେବଳ ହାତୀ ମାନେ ୨ ହଜାରରୁ ଅଧିକ ଓ ବାଘ ମାନେ ୨୦୦ରୁ ଅଧିକ ଲୋକଙ୍କୁ ମାରିଛନ୍ତି। ଅନ୍ୟ ପକ୍ଷରେ ନିଜ ଫସଲ ରକ୍ଷା ଓ ଜଙ୍ଗଲୀ ପଶୁଙ୍କ ଆକ୍ରମଣରୁ ବଂଚିବା ପାଇଁ ମଣିଷ ମାନେ ମଧ୍ୟ ବହୁ ସଂଖ୍ୟାରେ ଜଙ୍ଗଲୀ ପଶୁଙ୍କୁ ମାରୁଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ଏଭଳି ଶିକାରର ସଠିକ୍ ହିସାବ ସରକାରଙ୍କ ପାଖରେ ନାହିଁ। ଯାହା କିଛି ହିସାବ ଉପଲବ୍ଧ ରହିଛି, ସେଥିରୁ ଜଣା ପଡୁଛି ଯେ, ୨୦୧୯ ମସିହାରେ ଜଙ୍ଗଲୀ ପଶୁଙ୍କ କବଳରୁ ଫସଲ ରକ୍ଷା କରିବାକୁ ୮୦ ଟି ହାତୀ, ୧୨୦ଟି ଜଙ୍ଗଲୀ ବାରହା ଓ ୨୪ ଟି ହରିଣଙ୍କୁ ମରା ଯାଇଥିଲା। ଏହି ସମୟରେ ପ୍ରାୟ ୧୫ କୋଟି ଟଙ୍କା ମୂଲ୍ୟର ଫସଲ ନଷ୍ଟ ହୋଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ତେବେ କୋଭିଡ୍-୧୯ର ଲକ୍ ଡ଼ାଉନ୍ ସମୟର ଅଭାବନୀୟ ଘଟଣା ଗୁଡ଼ିକ ସମସ୍ତଙ୍କ ପାଇଁ ଘୋର ଚିନ୍ତାର କାରଣ ହୋଇଛି। ଲକ୍ ଡ଼ାଉନ୍‌ର ସୁଯୋଗ ନେଇ ପଶୁ ଶିକାରୀମାନେ ମନଇଚ୍ଛା ଲାଭ ଉଠାଇଛନ୍ତି। ୱାଇଲ୍ଡ ଲାଇଫ୍ ଟ୍ରେଡ୍ ମନିଟରିଙ୍ଗ ନେଟୱାର୍କ ଟ୍ରାଫିକ୍ ନିଜର ଏକ ରିପୋର୍ଟ "ଇଣ୍ଡିଆନ୍ ୱାଇଲ୍ଡ ଲାଇଫ୍ ଏମିଡ଼ଷ୍ଟ ଦି କୋଭିଡ୍-୧୯ କ୍ରାଇସିସ୍"ରେ କହିଛି ଯେ, ଲକ୍ ଡ଼ାଉନ୍ ସମୟରେ ବନ୍ୟଜନ୍ତୁ ମାନଙ୍କୁ ବେଆଇନ ଭାବେ ମାରିବା ଘଟଣା ୧୫୧ ଶତକଡ଼ାକୁ ବଢି ଯାଇଛି। ସବୁଠୁ ଅଧିକ ହାତୀ, ଗଣ୍ଡା, ଓଟ, ହରିଣ, ମଇଁଷି ଓ ଘୁଷୁରୀ ଆଦି ପଶୁଙ୍କୁ ଖାଇବା ସହିତ ବେପାର ପାଇଁ ହତ୍ୟା କରାଯାଇଛି।

ଜଙ୍ଗଲ ଧ୍ୱଂସ ପାଇବା ସହିତ ମଣିଷ ଓ ବନ୍ୟ ପଶୁଙ୍କ ମଧ୍ୟରେ ସଂଘର୍ଷ ବଢି ଚାଲିଛି। ଏଣୁ ଏହାର ସ୍ଥାୟୀ ସମାଧାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଉଚିତ। ଏଥିପାଇଁ ଅତି କମ୍‌ରେ ଜଙ୍ଗଲ ଗୁଡ଼ିକୁ ଲୁହା ତାର କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆବଦ୍ଧ କରାଯିବା ଉଚିତ। ଏହାଦ୍ୱାରା ବନ୍ୟ ଜନ୍ତୁ ବାହାରକୁ ଆସି ଲୋକଙ୍କୁ ଆକ୍ରମଣ କରି ପାରିବେ ନାହିଁ କି ଫସଲ ନଷ୍ଟ କରିବେ ନାହିଁ। ପୁଣି କିଛି କେମିକାଲ୍ ଦ୍ରବ୍ୟ ଛିଂଚି ମଧ୍ୟ ପଶୁଙ୍କୁ ଫସଲ ଠାରୁ ଦୂରକୁ ବାହାର କରି ଦିଆ ଯାଇପାରେ। ଅନ୍ୟ ପକ୍ଷରେ ଢୋଲ ପିଟିବା, ନିଆଁ ଜାଳିବା, ବାଣ ଫୁଟାଇବା ଭଳି ଅନେକ ପୁରୁଣା ଉପାୟ ରହିଛି, ଯାହା ଦ୍ୱାରା ଜଙ୍ଗଲୀ ପଶୁଙ୍କୁ କୌଣସି କଷ୍ଟ ନଦେଇ ନିଜର ଫସଲ ବା ଜୀବନକୁ ସୁରକ୍ଷିତ ରଖା ଯାଇପାରିବ। ଏହା ଛଡ଼ା ଡ୍ରୋନ୍ କ୍ୟାମେରା ଓ ରୋବଟ୍‌ର ସହାୟତାରେ ମଧ୍ୟ ଫସଲ ଉପରେ ନଜର ରଖା ଯାଇପାରିବ। କେତେକ ସ୍ଥାନରେ ବନ ବିଭାଗ ମଧ୍ୟ 'ଆନିମଲ୍ ଫ୍ରେଣ୍ଡଲି'କାର୍ଯ୍ୟକ୍ରମ ଆରମ୍ଭ କରିଛି। ତାମିଲନାଡୁରେ ହାତୀ ମାନଙ୍କୁ ରେଳ ଦୁର୍ଘଟଣାରୁ ସୁରକ୍ଷା ଦେବା ପାଇଁ କୋଏମ୍ବାଟୁରରେ ରେଳ ଲାଇନର ଦୁଇ ପାର୍ଶ୍ୱରେ ସେଂସର ଲଗା ଯାଇଛି। ଯେତେବେଳେ ହାତୀ ମାନେ ରେଳ ଧାରଣା ପାଖରେ ପହଂଚିବେ, ସଙ୍ଗେ ସଙ୍ଗେ ଆଲାର୍ମ ମାଧ୍ୟମରେ ସେମାନଙ୍କୁ ସୂଚନା ମିଳିଯିବ। ପୁଣି ହାତୀ ମାନଙ୍କୁ ସେଠାରୁ ବାହାର କରିବା ସହିତ ଟ୍ରେନ୍ ଚାଳକ ଗତିକୁ କମ୍ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ସେଠାରେ ମଧ୍ୟ ଦକ୍ଷିଣ ରେଳ ବିଭାଗ ଦ୍ୱାରା ମହୁମାଛି ଗୁଡ଼ିକର ଧ୍ୱନିକୁ ରେକର୍ଡ଼ କରି ଲାଉଡ୍ ସ୍ପିକର ମାଧ୍ୟମରେ ବଜା ଯାଉଛି। ଯେହେତୁ ହାତୀ ମାନେ ମହୁମାଛି ଗୁଡ଼ିକୁ ଡ଼ରନ୍ତି। ଯେତେବେଳେ ସେମାନେ ରେଳ ଧାରଣା ପାଖରେ ପହଂଚି ଯାଆନ୍ତି, ସେମାନଙ୍କୁ ଏହି ଧ୍ୱନି ଦ୍ୱାରା ଡ଼ରାଇ ସେଠାରୁ ବାହାର କରି ଦିଆଯାଏ। ସେହିପରି ଓଡ଼ିଶାରେ କ୍ରମେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ହାତୀ ଓ ବନ୍ୟଜନ୍ତୁ ନିଜର ଚଳପ୍ରଚଳ ପାଇଁ ଯାଗା ଖୋଜୁ ଖୋଜୁ ମଣିଷ ଓ ସେମାନଙ୍କ ମଧ୍ୟରେ ସଂଘର୍ଷ ହେଉଛି। କେତେବେଳେ ଜଙ୍ଗଲୀ ଜୀବ ମରୁଛନ୍ତି ତ କେତେବେଳେ ମଣିଷ ମାନେ ମରୁଛନ୍ତି। ଏକ ସମୀକ୍ଷାରୁ ଜଣା ପଡ଼ିଛି ଯେ, ଗତ ୮ବର୍ଷ ଭିତରେ ୫୬୮ଜଣ ଲୋକଙ୍କୁ ହାତୀ ଦଳି ମାରିଥିବା ବେଳେ ୩୩୬ ଜଣଙ୍କୁ ଆହତ କରିଛନ୍ତି। ଆଉ ହାତୀ ମାନେ ୭,୮୬୦ ଜଣଙ୍କ ଘର ଭାଙ୍ଗିଥିବାବେଳେ ୯୭,୫୮୦ ଏକର ଜମି ଦଳି ନଷ୍ଟ କରିଛନ୍ତି ଓ ଏଥିଯୋଗୁ ୧,୯୮,୧୬୬ ଜଣ ପ୍ରଭାବିତ ହୋଇଛନ୍ତି। ଆହୁରି ଜଣା ପଡ଼ିଛି ଯେ, ଏ ବାବଦରେ ସରକାର୧୩ କୋଟି ୩୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଛନ୍ତି। ଏହା ଛଡ଼ା ହାତୀ ମାନଙ୍କର ଉପଦ୍ରବ ଯୋଗୁ ଅନେକ ପରିବାର ଉଜୁଡ଼ି ଯାଇଛି। ସେହିପରି ମଣିଷ ଆତ୍ମରକ୍ଷା ପାଇଁ ୩୨ ଟି ହାତୀ ଶିକାର କରିଥିବା ବେଳେ ୧୦ ଟି ହାତୀ ବିଷପାନ ଯୋଗୁ ଓ ୪୨ ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଛନ୍ତି। ଏମିତି ବିଭିନ୍ନ କାରଣରୁ ରାଜ୍ୟରେ ଶହ ଶହ ହାତୀ ମରିଛନ୍ତି। କେତେକ ରାଜ୍ୟରେ ହାତୀମାନଙ୍କ ଗତିବିଧି ଜାଣିବାକୁ ଡ୍ରୋନ୍‌ର ବ୍ୟବହାର କରାଯାଉଛି। କିନ୍ତୁ ଏବେ ମଧ୍ୟ ପ୍ରଶ୍ନ ଉଠୁଛି ଯେ, ରାସ୍ତା, ପୋଲ, ରେଳ ଲାଇନ୍‌କୁ କିପରି ବ୍ୟବସ୍ଥା କଲେ, ପଶୁ ଓ ମଣିଷ ଭିତରେ ସଂଘର୍ଷ ହେବନାହିଁ? ତେବେ ଏଥିପାଇଁ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ନେସନାଲ୍ ହାଇୱେ ଅଥରିଟୀ, ନେସନାଲ୍ ଟାଇଗର କଂଜର୍ଭେସନ୍ ଅଥରିଟୀ ଓ ବିଶ୍ୱ ବ୍ୟାଙ୍କର ସହଯୋଗରେ 'ଇକୋ ଫ୍ରେଣ୍ଡଲୀ' ଦିଗ ନିର୍ଦ୍ଦେଶ ପ୍ରସ୍ତୁତ ହୋଇଛି, ଯାହାର ଲାଭ ମିଳିବା ଆରମ୍ଭ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏବେ ମଣିଷ ଓ ପଶୁଙ୍କ ମଧ୍ୟରେ ବଢୁଥିବା ସଂଘର୍ଷ କୁ ତୁରନ୍ତ ରୋକା ଯିବାର ଆବଶ୍ୟକତା ରହିଛି। ଏଥିପାଇଁ ଗ୍ରାମବାସୀଙ୍କୁ ବନ୍ୟ ପଶୁଙ୍କ ସହିତ ବନ୍ଧୁତାର ବ୍ୟବହାର ପାଇଁ ଶିକ୍ଷା ଦେବା ସହ ସଚେତନ କରିବାକୁ ପଡ଼ିବ। ବନ୍ୟ ଜୀବଙ୍କ ପ୍ରତି ଢେର ସମ୍ବେଦନଶୀଳ ହେବାକୁ ମଧ୍ୟ ସେମାନଙ୍କୁ ଶିକ୍ଷା ଦାନ ଜରୁରୀ। ସେହିପରି ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ନିଷ୍ଠାର ସହ ନିଜ କର୍ତ୍ତବ୍ୟ ସଂପାଦନ କରନ୍ତୁ। ଏହାଦ୍ୱାରା ବନ୍ୟପଶୁ-ମଣିଷର ଲଢେଇ ଥମି ପାରିବ ତଥା ଗୋଟିଏ ବିଶାଳ ଜୀବ ହାତୀ ବଂଚି ରହିବ ଆଗାମୀ ମଣିଷ ମାନଙ୍କ ପାଇଁ। ଅନ୍ୟଥା ହାତୀ ବା ବଣୁଆ ଜୀବ ଓ ମଣିଷ ମାନଙ୍କ ମଧ୍ୟରେ ଯୁଦ୍ଧ କ୍ରମେ ଭୟଙ୍କର ରୂପ ଧାରଣ କରିବ ଓ ନିକଟ ଭବିଷ୍ୟତରେ ମଣିଷ ଜିତିଯିବ ଆଉ ହାତୀ ସମେତ ବନ୍ୟପଶୁ ମାନେ ସବୁଦିନ ପାଇଁ ହାରିଯିବେ।

**ଶରତ କୁମାର ରାଉତ**, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ:୯୩୩୭୩୬୯୪୮

# ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଜୀବନଧାରାର ଜଣେ ସମର୍ଥ ଚିତ୍ରକର: ବୀଣାପାଣି ମହାନ୍ତି





ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଜୀବନଧାରାର ଜଣେ ସମର୍ଥ ଚିତ୍ରକର। ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ସାରସ୍ୱତ କାନନରେ ଜଣେ ତପନିଷ୍ଠ ସାଧିକା। ତାଙ୍କ ସୃଷ୍ଟି ଏ ମାଟି ଓ ମଣିଷଙ୍କ ପାଇଁ ସମର୍ପିତ। ସାହିତ୍ୟାକାଶର ସେ ଦିଗବାରେଣୀ। ବିବାହ କରିନଥିବା ବୀଣାପାଣି ମହାନ୍ତିଙ୍କ ରଚନାରେ ସବୁବେଳେ ନାରୀ ଚରିତ୍ରର ପ୍ରାଧାନ୍ୟ ଦେଖିବାକୁ ମିଳେ। କେବେ ପତ୍ନୀ କେବେ ମା' ହୋଇନଥିବା ବୀଣାପାଣି ଲେଖାରେ କିନ୍ତୁ ଏ ସବୁ ଚରିତ୍ରରେ ମନସ୍ତତ୍ୱ ନିଖୁଣ ଭାବେ ବର୍ଣ୍ଣିତ ହୋଇଥାଏ। ଏ ନେଇ ବୀଣାପାଣି ଏକଦା କହିଥିଲେ-"ମୁଁ ବାହା ହୋଇନଥିଲେ ମଧ ନାରୀର ମନକଥା ବର୍ଣ୍ଣନା କରିବାରେ କିଛି ସମସ୍ୟା ହୁଏନା। ଦିନ ଦିନର ସାଧନା ଭିତରେ ମୁଁ ଚରିତ୍ର ମଧରେ ପ୍ରବେଶ କରି କିଛି ଦିନ ରହିଲା ପରେ ମତେ ଲାଗେ, ମୁଁ ସେଇ ଚରିତ୍ର ପାଲଟିଯାଇଛି। ମୁଁ ମୋ ଘର ଭିତରେ ସେଇ ଚରିତ୍ର ପରି ଚାଲେ, ମନକୁ ମନ କଥା କହେ, କାନ୍ଦେ ଓ ହସେ। ସେହି ସମ୍ମୋହିତ ଅବସ୍ଥାରେ ଗର୍ଭ ଯନ୍ତ୍ରଣା, ଶାଶୁ ନଣନ୍ଦର ଗଞ୍ଜଣା, ସ୍ୱାମୀର ଉଦାସୀନତା, ସମାଜର ତାଡ଼ନା ମୁଁ ସହେ ଓ ତାହା ବିରୋଧରେ ସଂଗ୍ରାମ କରେ। ସଂଗ୍ରାମର ଅନ୍ତ ହୋଇ ଚରିତ୍ର ଉତ୍ତୀର୍ଣ୍ଣ ନ ହେଲା ପର୍ଯ୍ୟନ୍ତ ସେହି ବଳୟ ଭିତରେ ମୁଁ ଥାଏ। ସେହିପରି ପ୍ରେମ ସଂପର୍କରେ ବୀଣାପାଣି କହିଛନ୍ତି, ମୋ ଭିତରେ ପ୍ରେମ ଥିଲା ଅଛି ଓ ଜୁଇରେ ଜଳିବା ପର୍ଯ୍ୟନ୍ତ ରହିବ। ପ୍ରେମ ନଥିଲେ କିଛି ସର୍ଜନା ସମ୍ଭବ ନୁହେଁ।" ନାରୀ ସମସ୍ୟାକୁ ମାର୍ମିକ ଭାବେ ବୁଝାଇଥିଲେ: କୁନ୍ତଳା କୁମାରୀଙ୍କ ପରେ ବୀଣାପାଣି ମହାନ୍ତି ଆମର ଦ୍ୱିତୀୟ ନାରୀ କଥାକାର, ଯିଏ ନାରୀମାନଙ୍କର ସମସ୍ୟାକୁ ଏପରି ମାର୍ମିକ ଭାବେ ନିଜ ଗଳ୍ପ ମାଧମରେ ବୁଝାଇପାରିଥିଲେ। ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଜୀବନଧାରାର ଜଣେ ସମର୍ଥ ଚିତ୍ରକର। ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ସାରସ୍ୱତ କାନନରେ ଜଣେ ତପନିଷ୍ଠ ସାଧିକା। ତାଙ୍କ ସୃଷ୍ଟି ଏ ମାଟି ଓ ମଣିଷଙ୍କ ପାଇଁ ସମର୍ପିତ। ସାହିତ୍ୟାକାଶର ସେ ଦିଗବାରେଣୀ। ଗଳ୍ପ ଓ ଉପନ୍ୟାସ ସର୍ଜନାରେ ସମୃଦ୍ଧ ବାଣୀ ଭଣ୍ଡାର। ପାଟଦେଈ, କସ୍ତୁରୀ ମୃଗ, ସବୁଜ ଅରଣ୍ୟ ଓ ଖେଳଘର ପାଇଛି ଶ୍ରେଷ୍ଠ ପାଠକୀୟ ପ୍ରେମ। ଅନେକ ସମ୍ମାନ ଓ ସ୍ୱୀକୃତିରେ ସେ ମହୀୟସୀ। ବୀଣାପାଣିଙ୍କ କ୍ଷୁଦ୍ର କାହାଣୀ ପାଟଦେଈ ୧୯୮୬ ମସିହାରେ ଫେମିନା ପତ୍ରିକାର ଲତା ନାମରେ ପ୍ରକାଶିତ ହୋଇଥିଲା। ୧୯୮୭ ମସିହାରେ ଏହା ଦୂରଦର୍ଶନରେ କସମକସ ଧାରାବାହିକ ଭାବେ ହିନ୍ଦୀ ନାଟକ ରୂପେ ପ୍ରସାରିତ ହୋଇଥିଲା। ବୀଣାପାଣିଙ୍କ ଏକାଧିକ କ୍ଷୁଦ୍ରଗଳ୍ପ ଇଂରାଜୀ, ହିନ୍ଦୀ, କନ୍ନଡ଼, ମାଲାୟାଲାମ, ମରାଠୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ସହ ରୁଷୀୟ ଭାଷାରେ ମଧ ଅନୁବାଦ କରାଯାଇଛି। ତାଙ୍କ କ୍ଷୁଦ୍ରଗଳ୍ପକୁ ନେଇ ଅନ୍ଧକାରର ଛାଇ ନାଁରେ ନିର୍ମିତ ଏକ ଚଳଚ୍ଚିତ୍ର ଦର୍ଶକଙ୍କ ବହୁ ପ୍ରଶଂସିତ ହୋଇଛି। ତାଙ୍କ ଲିଖିତ ୩ଟି ଉପନ୍ୟାସ ମଧରେ ଶୀତର ଶୋଣିତ, ମନସ୍ୱିନୀ ଓ କୁନ୍ତି, କୁନ୍ତଳା, ଶକୁନ୍ତଳା ଅଭୂତପୂର୍ବ ପାଠକୀୟ ସଫଳତା ପାଇଥିବାବେଳେ ଏକାଙ୍କିକା କ୍ରାନ୍ତି ମଧ ବେଶ ଲୋକପ୍ରିୟ ରହିଛି। ସେ ଅନେକ ରୁଷୀୟ ଲୋକକଥା ଓ କାହାଣୀକୁ ଇଂରାଜୀ ଭାଷାରୁ ଓଡ଼ିଆ ଭାଷାରେ ମର୍ମାନୁବାଦ କରିଥିଲେ। ବୈଚିତ୍ର୍ୟମୟ ଜୀବନର କଥା, ଅବହେଳିତ ମଣିଷର ବ୍ୟଥା, ନାରୀର ପୀଡ଼ନ-କଷଣର ସଂଘର୍ଷମୟ ଜୀବନଯାତ୍ରାଠାରୁ ଆରମ୍ଭ କରି, ତମାମ ଜୀବନ ଜଞ୍ଜାଳରୁ ଉତ୍ତୀର୍ଣ୍ଣ ହେବାର ସାଧନା ପଥ ଚିତ୍ରିତ ହୋଇଥିଲା ତାଙ୍କ ସୃଷ୍ଟିରେ, ତାଙ୍କ ସର୍ଜନାରେ। ବୀମାବାଦ ଧ୍ୱଜାଧାରୀ ଓ ଦୃପ୍ତ ଦୃଢ଼ ନାରୀ ସ୍ୱର ହେଲେ ବି ପୁରୁଷର ମର୍ମବେଦନାକୁ ସେ ଅଣଦେଖା କରିନାହାନ୍ତି। କୌଣସି ବାଦ, ଉଦ୍ଦେଶ୍ୟ କି ଅଭିଳାଷା ଭିତରେ ସେ ଚରିତ୍ର ମାନଙ୍କ ପରିଣତି ବଦଳାଇ ଦେଇନାହାନ୍ତି ଇଚ୍ଛା କରି। ତାହା ହିଁ ବୀଣାପାଣିଙ୍କ ସର୍ଜନର ସାର୍ଥକତା। ପଦ୍ମଶ୍ରୀ ବୀଣାପାଣି ମହାନ୍ତି ଆଜି ନାହାନ୍ତି ସତ; ହେଲେ କସ୍ତୁରୀ ମୃଗ ସହ ସେ ବାଣ୍ଟି ଦେଇ, ବିଛାଡ଼ି ଦେଇ ଯାଇଥିବା ସାରସ୍ୱତ କୃତିର ବାସ୍ନା ତାଙ୍କୁ ଅମର ଓ ଅମୃତମୟ କରି ରଖିଥିବ ଚିରକାଳ। ତାଙ୍କ କଥା କସ୍ତୁରୀର ମହକ ରହିଥିବ କାଳକାଳକୁ। ମହକିତ କରୁଥିବ ଓଡ଼ିଆ ଜନମାନସକୁ।

**ଅନୀତା ପଟ୍ଟନାୟକ**, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ

ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ୍ୟ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ



ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିକ୍ଷ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଉତ୍କଳୀୟ ପୃଷ୍ଠା: ମଧୁବାବୁଙ୍କ ସ୍ୱାକ୍ଷର



ଅନସୂୟା ମହାପାତ୍ର

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା, ଗିରିନଦୀ ମଣ୍ଡିତା ବହୁବିଧ କୀର୍ତ୍ତି ରାଜି ଶୋଭିତା ଉତ୍କୃଷ୍ଟ କଳାର ଗନ୍ତାଘର ଏହି ଉତ୍କଳ ଜନନୀ ର ଦୁର୍‌ଦ୍ଦଶା ର ଅନ୍ତପାଇଁ ଯାହାର ଚକ୍ଷୁଦ୍ୱୟ ହୋଇଥିଲା ଲୋତକାପ୍ଲୁତ ତଥା ସମଗ୍ର ଜୀବନ ଥିଲା ନିଃସ୍ୱାର୍ଥ କର୍ମରେ ସାଧନାରତ, ସେ ହେଉଛନ୍ତି ଆମ ପ୍ରିୟ ମଧୁବାବୁ। ଓଡ଼ିଆ ଜାତୀୟତାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଜଣେ ପ୍ରତିଭା ସମ୍ପନ୍ନ ଆଇନଜୀବୀ, ଯଶସ୍ୱୀ ଜନନାୟକ, ବ୍ୟବସ୍ଥାପକ ତଥା ଆଧୁନିକ ଉତ୍କଳର ନବନିର୍ମାତା ତଥା ସ୍ୱତନ୍ତ୍ର ଓଡ଼ିଶାର ରୂପକାର। ପ୍ରତ୍ୟେକଟି ଓଡ଼ିଆ ପରିବାରରେ ପ୍ରଥମ ଓଡ଼ିଆ ସ୍ନାତକ, ପ୍ରଥମ ଇଂରାଜୀ ପଢୁଆ ଏମ୍.ଏ., ପ୍ରଥମ ବିଲାତ ଯାତ୍ରୀ ଓ ପ୍ରଥମ ଆଇନଜ୍ଞ ଭାବେ ନିଶ୍ଚୟ ପ୍ରେରଣାଦାୟୀ। ଏହି ମହାନ ଜନନାୟକଙ୍କର ଆବିର୍ଭାବ ଘଟିଥିଲା କ ଟ କ ର ସତ୍ୟଭାମପୁରରେ, ୧୮୪୮ ମସିହା, ଏପ୍ରିଲ ମାସ ୨୮ ତାରିଖ ଦିନ। ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିବା 'ତୁମପରି ଛୋଟ ପିଲାଟିଏ' ମଧ୍ୟରେ ଯେପରି ଦଶହରା ଛୁଟିରେ ଗାଁ ରାସ୍ତାକୁ ସମତୁଲ କରିବା କ୍ଷୁଦ୍ର ପ୍ରୟାସରେ ବିଚ୍ଛିନ୍ନ ଓଡ଼ିଶାର ଏକତ୍ରୀକରଣର ଦୁର୍ବାର ଉତ୍ସର୍ଗୀକୃତ ମହାନ କାର୍ଯ୍ୟଟିଏ ଲୁକ୍କାୟିତ ଥିଲା, ଏକଥା କାହାକୁ ଜଣା ନଥିଲା। ସ୍ୱକୀୟ ବିଚକ୍ଷଣ ବୁଦ୍ଧି ଅଧ୍ୟବସାୟ, ନିରନ୍ତର ପ୍ରଚେଷ୍ଟା ଓ ବାଗ୍ମୀତା ହେତୁ ଓଡ଼ିଶାର ଘରେ ଘରେ ଯେ ସମ୍ମାନ ଓ ଶ୍ରଦ୍ଧାର ଅଧିକାରୀ ଥିଲେ, ତାହା 'କାଳିଆ ଘୋଡା ରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି' ପଂକ୍ତି ରୁ ବୁଝିହୁଏ।

ସାଦା ଜୀବନରେ ଉଚ୍ଚ ବିଚାର ର ସମନ୍ୱୟ, ସତରେ ମଧୁବାବୁଙ୍କ ଜୀବନରେ ହିଁ ଘଟିଥିଲା। ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ସୁଦ୍ଧା ଜାତିଗତ ଓ ଧର୍ମଗତ ବିଚାରର ଉର୍ଦ୍ଧ୍ୱରେ ରହୁଥିଲେ। ଉତ୍କଳର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ଓ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି କୁ ବିଶ୍ୱଦରବାରରେ ପ୍ରତିଷ୍ଠା କରିବାରେ ଥିଲେ ଖୁବ ତତ୍ପର। ଓଡ଼ିଶାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଜୀବନ ସହ ଶିଳ୍ପ, ବାଣିଜ୍ୟ, ଶିକ୍ଷା ଆଦିର ସର୍ବବିଧ ଉନ୍ନତି ପାଇଁ ଥିଲେ କର୍ମବୀର। ବିଖଣ୍ଡିତ ଓଡିଶା ଓ ଓଡ଼ିଆଙ୍କୁ ଏକତ୍ରିତ କରିବାର ଦୃଢ ସଂକଳ୍ପ ନେଇ ପ୍ରତିଷ୍ଠା କଲେ ଉତ୍କଳ ସମ୍ମିଳନୀ। କବି ଗୋଦାବରୀଶ ମିଶ୍ର ଙ୍କ ଭାଷାରେ

'-ବଡ ହୀନିମାନୀ ଆମଘର ଦଶା
ଶୁଣିଲେ ଫାଟଇ ବୁକୁ,
ଚଉଖଣ୍ଡ ହୋଇ ଓଡିଶା ଦେଶ ଲୋ
ପଡିହୁଏ ଦୁକୁଦୁକୁ ॥

ବଙ୍ଗ, ବିହାର, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ସହ ଓଡ଼ିଶାର ମିଶିଥିବା ବହୁ ଅଂଚଳ କୁ ଏକାଠି କରି ସ୍ୱତନ୍ତ୍ର ଉତ୍କଳ ଗଠନର ହେଲେ ପୁରୋଧା। ତେଣୁ ସେ କହୁଥିଲେ--

ଏଇ ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ,
ତୋର ପ୍ରାଣ ବିନ୍ଦୁ ମିଶାଇଦେ ଭାଇ
ଡେଇଁ ପଡି ସିନ୍ଧୁନୀରେ॥

ବହୁବର୍ଷ ପୂର୍ବ? ସେ ଯେଉଁସବୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ, ସେ ସବୁ ଯେପରି 'ମେକ ଇନ ଓଡ଼ିଶା' ର ଏକ ଏକ ଦୃଷ୍ଟାନ୍ତ। ଓଡ଼ିଶାର ବିକାଶ ସହିତ ଶିଳ୍ପ କୁ ଯୋଡିବାର ଦୂରଦୃଷ୍ଟି ଯୁକ୍ତ ପ୍ରଥମ ଉଦ୍ୟମର ଅୟମାରମ୍ଭ ସେ କରିଥିଲେ।

୧୮୯୭ ମସିହାରେ ସ୍ୱ ଉଦ୍ୟମରେ ଙକ୍ସସ୍ବବବ ଇକ୍ସସ୍ବ ଉବକ୍ସର ପ୍ରତିଷ୍ଠା କରି ନିଜ ଖର୍ଚ୍ଚରେ ରୂପା -ତାରକସି କାମ, କାଠକାମ ଶିଙ୍ଗ କାମ ଇତ୍ୟାଦିର କାରିଗରୀ ଶିକ୍ଷା କୌଶଳ ମାଧ୍ୟମରେ ଦ୍ରବ୍ୟ ଉତ୍ପାଦନ କରି ଓଡ଼ିଶାର ପୁନରୁଦ୍ଧାର କରିବା ସହିତ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିଥିଲେ। ଓଡିଶାକୁ ଆସିଥିବା ମହାତ୍ମା ଗାନ୍ଧୀଙ୍କୁ କହିଥିଲେ, 'ମୋ ଜାତିର ହାତରେ ହିଁ କୌଶଳ ରହିଛି।' ୧୮୯୮ ରେ ସମବାୟ ସଂସ୍ଥା କଟକଠାରେ ଗଠନ କରିଥିଲେ। ବ୍ରିଟିଶ ସରକାର ମଧ୍ୟ ଭାରତର ପ୍ରଖ୍ୟାତ ଜନନାୟକ ଗୋପାଳ କୃଷ୍ଣ ଗୋଖଲେ ଙ୍କ ସହିତ ମଧୁବାବୁଙ୍କୁ ଉ.ଓ.ର. ବା ମକ୍ଟଙ୍କକ୍ତ୍ରବଭସକ୍ଟଭ କ୍ଟଲ ସ୍ବଷର ଓଭୟସବଭ ରଙ୍କକ୍ତ୍ରସକ୍ସର ସମ୍ମାନରେ ସମ୍ମାନିତ କରିଥିଲେ। ୧୯୦୫ ରେ କଟକର ଚାଉଳିଆଗଞ୍ଜ ଠାରେ 'ଉତ୍କଳ ଟ୍ୟାନେରୀ' ପ୍ରତିଷ୍ଠା କରି ଜୋତା ଓ ଚମଡ଼ାରେ ନିର୍ମିତ ଅନ୍ୟାନ୍ୟ ଦ୍ରବ୍ୟ ଉତ୍ପାଦନ କରି ସୁଦୂର ରୁଷିଆ, ଜାପାନ ଓ ଜର୍ମାନୀ ଆଦି ଦେଶକୁ ପ୍ରେରଣ କରିଥିଲେ ଉତ୍କଳ ଟ୍ୟାନେରୀ ରେ ଉତ୍ପାଦିତ ଜୋତା ର ଗୁଣାତ୍ମକ ଦିଗ କୁ ରକ୍ଷାକରିବାକୁ ଯାଇ ଅନେକ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲେ। ବିହାର-ଓଡିଶା ବ୍ୟବସ୍ଥାପକ ସଭାକୁ ୧୯୧୨ ରେ ନିର୍ବାଚିତ ହୋଇଥିଲେ। ୧୯୨୧ରେ ରେ ବିହାର-ଓଡିଶା ମନ୍ତ୍ରୀମଣ୍ଡଳ ଗଠିତ ହେବା ପରେ ମନ୍ତ୍ରୀ ପଦ ପାଇଥିଲେ। ମାତ୍ର ମନ୍ତ୍ରୀମାନେ ଜନ ପ୍ରତିନିଧି, ତେଣୁ ଅବୈତନିକ ଭାବେ କାର୍ଯ୍ୟ କରିବା ର ପ୍ରସ୍ତାବକୁ ସରକାର ଅଗ୍ରାହ୍ୟ କରନ୍ତେ ୧୯୨୩ ରେ ଇସ୍ତଫା ଦେଲେ। ବଙ୍ଗ ର ଗଭର୍ଣ୍ଣର ବଙ୍ଗଳା ବ୍ୟବସ୍ଥାପକ ସଭାର 'କୋଟେ' ବୋଲି ସମ୍ମାନିତ କରିଥିଲେ। ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ଦ୍ୱିତୀୟ ଟଲଷ୍ଟୟ ଆଖ୍ୟା ଦେଇଥିଲେ। ଉତ୍କଳ ପ୍ରତି ଥିବା ପ୍ରୀତି ଓ ଅବଦାନ ପାଇଁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ରାମସେ ମାଡୋଲାଲଡ୍ ତାଙ୍କୁ ମୁକୁଟ ବିହୀନ ରାଜା ବୋଲି କହିଥିଲେ। କବି, ଲେଖକ ଓ ସୁବକ୍ତା ଭାବେ ଓଡ଼ିଆ ଓ ଇଂରାଜୀ ଭାଷାରେ ଥିଲା ମଧୁବାବୁଙ୍କର ବଳିଷ୍ଠ ପ୍ରତିଭା। ପ୍ରତ୍ୟେକ ବିଭାଗରେ ଦେଶପ୍ରୀତି ଓ ଜାତୀୟତାବୋଧ ର ସ୍ପଷ୍ଟ ଝଲକ ନିହିତ ଥିଲା। ମଧୁବାବୁଙ୍କ ଲେଖନୀର ଶାଣିତ ଧାର ରୁ ଝରିଥିଲା,
–

'ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ
ଦିଅ ଆହୁତି, ସ୍ୱାର୍ଥମେଧ ଯଜ୍ଞ?
ଚ଼ାରିଆଡେ ଚ଼ାରିଆଡେ ନାଚ଼ ଛାତିକୁ
ମିଳାଇ ଛାତି'॥

ସେହିପରି--'ଜାତି ନନ୍ଦିଘୋଷ ଚ଼ଳିବକି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ।' 'ସନ୍ତାନର ଉକ୍ତି', 'ଜାତି ଇତିହାସ' ଓ ଜନନୀର ଉକ୍ତି' ତାଙ୍କର ଅମ୍ଲାନ କବିତା। ଭାରତ ଜନନୀ ଓ ଉତ୍କଳ ଜନନୀ କୁ ସେ ଏକ ଓ ଅବିଚ୍ଛିନ୍ନ ଭାବେ ସଂଦର୍ଶନ କରିଥିଲେ। ମାତ୍ର ଭାଗ୍ୟର ବିଡମ୍ବନା ସ୍ୱତନ୍ତ୍ର ଉତ୍କଳ ମାତା ର ପ୍ରସନ୍ନ ରୂପ ଦେଖିବାର ସୌଭାଗ୍ୟ ତାଙ୍କର ନଥିଲା। ୧୯୩୬, ଫେବୃଆରୀ ୪ ତାରିଖରେ ତାଙ୍କ ନଶ୍ୱର ଦେହ ଉତ୍କଳ ମାଟିରେ ମିଶିଯାଇଥିଲା। ଜୀବନର ଅନ୍ତିମ ମୂହୁର୍ତ୍ତରେ, ଦୁଃଖର ସହ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ କହିଥିଲେ, ଆଗାମୀ ପିଢୀଙ୍କୁ କହିବ, କେହିଜଣେ ଓଡ଼ିଆ ଥିଲା। ଯାହାର ମାର୍ମିକ ବିଶ୍ଳେଷଣାତ୍ମକ ଭାଷା ର ଅର୍ଥ ସହଜରେ ବୁଝିହେବ।

ବାସ୍ତବରେ ମଧୁବାବୁ ଉତ୍କଳର ପିତାମହ ଭୀଷ୍ମ। ସେ କୁଳବୃଦ୍ଧ। ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ' ଶତାବ୍ଦୀର ସୂର୍ଯ୍ୟ'। ଇତିହାସ ପୃଷ୍ଠାରେ ଏହି ଦିବସଟି ପ୍ରତ୍ୟେକ ଓଡ଼ିଆପାଇଁ ପ୍ରେରଣାଦାୟୀ ତଥା ଭାବାବେଗର ଅନେକ ସ୍ମରଣୀୟ ମୂହୂର୍ତ୍ତର ସମନ୍ୱୟ। ଆଜିର ଯେଉଁ ଓଡିଆ ଭାବେ ପରିଚ଼ୟ, ଓଡ଼ିଶାର ମାନଚ଼ିତ୍ର ର ସ୍ୱତନ୍ତ୍ରତା, ତାହା ମଧୁବାବୁଙ୍କ ଅଦମ୍ୟ ପ୍ରୟାସର ଫଳମାତ୍ର ଏଥିରେ ଟିକେମାତ୍ର ସନ୍ଦେହନାହିଁ। ପ୍ରତିଟି ଓଡ଼ିଆଜନମାନସ ଏହି ମହୀୟାନ ପୁରୁଷଙ୍କ ନିକଟରେ ଚ଼ିର କୃତଜ୍ଞ। ସୁତରାଂ ମଧୁବାବୁ ଥିଲେ ଉତ୍କଳ ସ୍ୱାଭିମାନର ପ୍ରତୀକ, ଉତ୍କଳର ଗୌରବ, ତଥା ସାଲିସ ବିହୀନ ଏକ ବଳିଷ୍ଠ ବ୍ୟକ୍ତିତ୍ୱ। ତାଙ୍କ ନାମରେ ଡ଼ାକଟିକେଟ ପ୍ରକାଶିତ ହୋଇ ଜନ୍ମଦିବସଟିକୁ ସ୍ୱାଭିମାନ ଦିବସ ତଥା ଆଇନଜ୍ଞ ଦିବସ ଭାବେ ପାଳନ ଓଡ଼ିଆର ଶ୍ରଦ୍ଧାସୁମନ ମାତ୍ର। ତଥାପି ପ୍ରତ୍ୟେକ ଓଡ଼ିଆ ହେଉ ଜାତିସ୍ମର। ପୂଜ୍ୟପୂଜାର ପରମ୍ପରା ସହ ପ୍ରତିବଦ୍ଧତାର ବାର୍ତ୍ତା ନେଇ ଅଗାମୀପିଢୀ ଅଗ୍ରସର ହେଉ, ଏହାହିଁ ଆଜିର ଧେୟ।

ଯାଜପୁର

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ□ ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା□କ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ, ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା, ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ, ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ, ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

## ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱକ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ

କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଇ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ




ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ, ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହଞ୍ଚିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ବଲାଙ୍ଗୀରରେ ମହିଳାଙ୍କ ଦ୍ୱାରା ପରିଚାଳିତ ପାନ୍ଥଶାଳା ପରିଦର୍ଶନ କଲେ ପଶ୍ଚିମ ଓଡିଶା ପରିଷଦ ଅଧ୍ୟକ୍ଷ

ବଲାଙ୍ଗୀର/ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଦୁଇଦିନିଆ ବଲାଙ୍ଗୀର ଗସ୍ତ କ୍ରମରେ ପଶ୍ଚିମ ଓଡିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ପୀଠ ଯାଇ ମିଶନଶକ୍ତି ଦ୍ୱାରା ପରିଚାଳିତ ପାନ୍ଥଶାଳା ଓ ସେଠାରେ ରହିଥିବା ବ୍ୟବସ୍ଥା ସଂପର୍କରେ ବ୍ଲକସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘର କର୍ମକର୍ତାମାନଙ୍କ ସହିତ ଆଲୋଚନା କରିଥିଲେ। ବ୍ୟବସ୍ଥା ସଂପର୍କରେ ଅନୁଧ୍ୟାନ କରି ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ପାନ୍ଥଶାଳାରେ ନିୟୋଜିତ ମହିଳା ସ୍ୱୟଂସହାୟିକା ସଦସ୍ୟାମାନେ ତାଲିମ ପ୍ରାପ୍ତ। ସେମାନଙ୍କର ଆତିଥ୍ୟ ମଧ୍ୟ ଉତମ। ସ୍ଥାନୀୟ ବ୍ଲକ ପ୍ରଶାସନ ତରଫରୁ ଏହି ପାନ୍ଥନିବାସର ପରିଚାଳନା ପାଇଁ ଆବଶ୍ୟକୀୟ ଭିତିଭୂମି ଓ ସରଞ୍ଜାମ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ଏହି ପରିଚାଳନା ଦାୟିତ୍ୱ ଦିଆଯାଇଥିବାରୁ ଏହା ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସଶକ୍ତ କରିବାରେ ସହାୟକ ହେବ ବୋଲି ପଶ୍ଚିମ ଓଡିଶା ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଆଶା ପ୍ରକାଶ କରିଛନ୍ତି।

ହରିଶଙ୍କର ପର୍ଯ୍ୟଟନ ଦୃଷ୍ଟିରୁ ଓଡିଶାର ଏକ ପ୍ରସିଦ୍ଧ, ମନୋରମ ଏବଂ ଆକର୍ଷଣୀୟ ସ୍ଥଳ। ବର୍ଷର ଅଧିକାଂଶ ସମୟରେ ଏଠାକୁ ବହୁ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ, ପ୍ରକୃତିପ୍ରେମୀ ଓ ବଣଭୋଜି ପାଇଁ ଲୋକମାନେ ଆସିଥାନ୍ତି। ପାନ୍ଥଶାଳାରେ ରହିଥିବା ସୁବିଧା ସେମାନଙ୍କ ଆବଶ୍ୟକତା ପୂରଣ କରିବାରେ ସହାୟକ ହେଉଛି।

### କଟକରେ ତିର୍ତୋଲ ନାବାଳିକା ଗଣଦୁଷ୍କର୍ମ ପ୍ରସଙ୍ଗ

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୂତି



ଯେତେବେଳେ ଓଡ଼ିଶାର ଅସ୍ତିତ୍ୱ ନଥିଲା ଓଡ଼ିଆର ନବରବି ଅସ୍ତମିତ ହେବାକୁ ବସିଥିଲେ ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କରିବାର ଆହ୍ୱାନ ଦେବା ସହ ସ୍ୱାର୍ଥକୁ ଆହୁତି ଦେବା ପାଇଁ ଯେଉଁ ମହାର୍ଘ ମହାପୁରୁଷଙ୍କର ଜନ୍ମ ହୋଇଥିଲା, ସେ ଥିଲେ ଓଡ଼ିଆ ଜାତିର କର୍ଣ୍ଣଧାର ସ୍ୱାଭିମାନ ପୁରୁଷ ମଧୁବାବୁ । ଜନ୍ମକାଳରୁ ମଧୁବାବୁ ଅନେକ ସଙ୍ଘର୍ଷ ତଥା ବିରୋଧର ସମ୍ମୁଖୀନ ହୋଇଥିଲେ । ଏହାସତ୍ତ୍ୱେ ଦୃଢ଼ମନା ମଧୁବାବୁ କୌଣସି ନକରାତ୍ମକ ମନ୍ତବ୍ୟ ଦ୍ୱାରା ପ୍ରଭାବିତ ନହୋଇ ନିଜ ଲକ୍ଷ ପଥରେ ଅଟଳ ବିଶ୍ୱାସର ସହ ଆଗେଇ ଚାଲିଥିଲେ । ବ୍ରିଟିଶ ସରକାରର ଗୋଲାମି କରୁଥିବା ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ସମ୍ପନ୍ନ ବ୍ୟକ୍ତିଙ୍କ ଚକ୍ରବ୍ୟୁହରୁ ମୁକୁଳିଆସି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସମସ୍ତ ପ୍ରସ୍ତୁତି ସାରିଦେଇ ଇହଧାମରୁ ବିଦାୟ ନେଇଥିଲେ । ନିନ୍ଦୁକଙ୍କ ପାଇଁ ଯାହାଥିଲା ତମସା ଘେରା ମଧ୍ୟରାତ୍ର, ଆଶାବାଦୀମାନଙ୍କ ପାଇଁ ତାହା ଥିଲା ନବୀନ ସୂର୍ଯ୍ୟୋଦୟର ପୂର୍ବକ୍ଷଣ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରୂପେ ସ୍ୱୀକୃତି ହାସଲ କରିବାର ପ୍ରାୟ ଅଶୀବର୍ଷ ପରେ ମଧୁବାବୁ କାହିଁକି ବେଶୀ ବେଶୀ ମନେପଡୁଛନ୍ତି ଉନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀକୁ ତୁଳନା କଲେ ଅତୀତର ସ୍ମୃତିରାଜିକୁ ଗଣ୍ଠିଧନ କରି ଆମେ ଉଲ୍ଲସିତ ହୋଇ ଚାଲିଛୁ । ମାତ୍ର ଯଦି ସୂକ୍ଷ୍ମ ଦୃଷ୍ଟିରେ ଆମେ ହୃଦୟଙ୍ଗମ କରିବା ତେବେ ଆମ ଆହ୍ଲାଦର ଭିତ୍ତିଭୂମି ଆଦୌ ସୁଦୃଢ଼ ନୁହେଁ । ସମୟ, ପରିବେଶ, ପାତ୍ରପାତ୍ରୀ, ରାଜନୀତିର ସ୍ଥିତି, ଶାସନ ବ୍ୟବସ୍ଥା, ଶିକ୍ଷାର ବିକାଶ ହାର, ଆଦି ବିକଶିତ ହେଲାଭଳି ସ୍ଥିତିରେ ଥିବାପରି ମନେହେଉ ନାହାନ୍ତି । ମଧୁବାବୁଙ୍କ ସମୟର ସେହି ଅସ୍ତିତ୍ୱ ଶୂନ୍ୟ ଓଡ଼ିଶାର ଦୟନୀୟ ଚିତ୍ରରେ ଛାୟାପରି ମନେହେଉଛି କିଏ କ'ଣ କେଉଁଠି କେତେ ବଦଳି ଯାଇଛି ତାର ଠିକଣା ନାହିଁ । ମାତ୍ର ସାଧାରଣ ଜନତା ବର୍ତ୍ତମାନ ଭିନ୍ନ ଏକ ସ୍ୱାଧିନତା ଦରାଣ୍ଡି ହେଉଛନ୍ତି । ସ୍ୱାଧୀନତା ଯେଉଁଠି ସୁଦୂର ପରାହତ, ସେଠି ସ୍ୱାଭିମାନ କଥା ପଚାରେ କିଏ ! ସଂକୀର୍ଣ୍ଣ ସ୍ୱାର୍ଥ ପୂରଣ ଲାଳସାରେ ବ୍ୟକ୍ତିତ୍ୱ ଯେଉଁଠି ବନ୍ଧା ପଡ଼ିଯାଉଛି । ସେଠି ଅସ୍ମିତାର ପ୍ରଶ୍ନ ଉଠୁଛି କେଉଁଠୁ ? ମଧୁବାବୁ ସମେତ କୌଣସି ସ୍ୱାଧୀନତା ସଂଗ୍ରାମୀ ଆଜିର ଭାରତ ବର୍ଷ ଅଥବା ଓଡ଼ିଶାର ସ୍ୱପ୍ନ ଭୂଲରେ ସୁଦ୍ଧା ଦେଖୁନଥିବେ । ସ୍ୱାଧୀନତା ଯେବେ ନବ୍ୟ ପରାଧୀନତା ହୋଇଯାଏ, ତେବେ ସ୍ୱାଧୀନତା କର୍ମୀ ଜନତାର ସ୍ଥିତି ସହଜେ ଅନୁମେୟ । ଅତୀତରେ ହେଉଥିଲେ ରାଜନୀତିକ ଛଳନାର ଶିକାର।



ମାତ୍ର ଏବେ ଆତ୍ମ ପ୍ରତାରଣାର କଏଦି, ସେବେ ହେଉଥିଲେ ବିଦେଶୀ ଶକ୍ତି ଦ୍ୱାରା ଲୁଣ୍ଠିତ, ଆଉ ଏବେ ଦେଶୀ ଶକ୍ତି ଦ୍ୱାରା । ଯେଉଁ ବ୍ୟକ୍ତି ପ୍ରକୃତରେ ସ୍ୱାଭିମାନର ଅର୍ଥ ବୁଝିଥିବ ତେବେ ସେ ଏପରି ସ୍ୱାଧୀନତା କେଭେ କାମନା କରିବ ନାହିଁ । ବଂଚିବାର ସର୍ବନିମ୍ନ ମୌଳିକ ଆବଶ୍ୟକତା ପରିପୂରଣ ନିମନ୍ତେ ଯେଉଁଠି ଶାସକ ଓ ଶାସିତ ମଧ୍ୟରେ ମୁଲଚାଲ ସେଠି ମଧୁବାବୁଙ୍କ ପରିଦର୍ଶିତ ସ୍ୱତନ୍ତ୍ରତା ଆସିବାକୁ ଯେ ବହୁ ସମୟ ବାକି ଅଛି ଏହା ନିଃସନ୍ଦେହରେ କୁହାଯାଇପାରେ । ଓଡ଼ିଶା ମାଟି ଯେବେ ପ୍ରଗଳଭ ହୁଅନ୍ତା, ହୁଏତ ମଧୁବାବୁଙ୍କ ତ୍ୟାଗସିକ୍ତ ମାଟି ମନସ୍କତାର ଅବତାରଣା କରିପାରନ୍ତା । ଜୀବନର ପ୍ରତ୍ୟେକ କ୍ଷଣରେ ଆମ ସ୍ୱାଭିମାନର ଟେକ ରଖିବା ପାଇଁ ତାଙ୍କର ଯେଉଁ ଆତ୍ମୋତ୍ସର୍ଗ, ତାର ପଟାନ୍ତର କାହିଁ ? ଉତ୍ତର ପିଢ଼ୀ କେବଳ 'ତୁମପରି ଛୋଟ ପିଲାଟିଏ' ଅଥବା 'କାଳିଆ ଘୋଡ଼ାରେ ଚଢ଼ିବି'ରୁ କ'ଣ ଆକଳନ କରିପାରିବ ସେହି ଉତ୍ତୁଙ୍ଗ ବ୍ୟକ୍ତି ସତ୍ତାକୁ? ଗୋଟିଏ ଦିନ ସ୍ୱାଭିମାନ ଦିବସ ପାଳନ କରିଦେଲେ କ'ଣ ହାସଲ କରିପାରିବ ଏହି ଜାତି ତା'ର ଦୃଢ଼ ସ୍ୱାଭିମାନ? କେବଳ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଦେଲେ କ'ଣ ଗୋଟିଏ ଭାଷା ତା'ର ଇପ୍‌ସିତ ଲକ୍ଷ୍ୟ ସ୍ଥଳରେ ପହଁଚିଯାଇ ପାରିବ? ଏହି ସବୁ ପ୍ରଶ୍ନର ଉତ୍ତର ସେହି ପ୍ରଶ୍ନ ଭିତରେ ନିହିତ ଅଛି । ଆମକୁ ପ୍ରଥମେ ପରମୁଖାପେକ୍ଷିତା ବା ପରଦୋଷଦର୍ଶୀ ମନୋଭାବକୁ ପରିହାର କରିବା ସହ ହୀନମନ୍ୟତା ଇର୍ଷା ଅସ୍ୱୟା ଭାବକୁ ମଧ ତ୍ୟାଗ କରିବାକୁ ପଡ଼ିବ । ତେବେ ଯାଇ ମଧୁବାବୁଙ୍କ ଉତ୍ସର୍ଗୀକୃତ ଜୀବନର ସ୍ୱପ୍ନ ସାକାର ହେବ ଏବଂ ତାହା ହିଁ ହେବ ତାଙ୍କ ଜନ୍ମ ଜୟନ୍ତୀର ତାଙ୍କ ପ୍ରତି ଅଶୃଳ ଶ୍ରଦ୍ଧାଞ୍ଜଳି ।

**ଉମାଶଙ୍କର ପ୍ରସାଦ,** ଗୁରୁନାନକ

## ୬ ବର୍ଷ ପରେ ବସିଲା କେନ୍ଦ୍ରାପଡା ନିର୍ବାଚିତ ପୌର ପରିଷଦର ପ୍ରଥମ ବୈଠକ



ବୈଠକ ନଗରପାଳ ସରିତା ସାହୁଙ୍କ ଅଧକ୍ଷତାରେ ଦୀର୍ଘ ୬ ବର୍ଷ ପରେ ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରାଞ୍ଚଳର ସଫେଇ କାର୍ଯ୍ୟ କରିବା ପାଇଁ ଠିକା ନେଇଥିବା ସଂସ୍ଥା ଉପରେ କେତେକ ପୌର ସଭ୍ୟ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡିଛି। ସେମାନେ କହିଥିଲେ ଯେଉଁ ହାରରେ ଏହି ସଂସ୍ଥା ଅର୍ଥ ନେଉଛି ସେହି ହାରରେ ସଫେଇ କାର୍ଯ୍ୟ ହେଉନାହିଁ। ବରିଷ୍ଠ ପୌର ସଭ୍ୟ କାଳୀ ପ୍ରସାଦ ମିଶ୍ର କହିଥିଲେ ଏହି ସଂସ୍ଥାର କାର୍ଯ୍ୟ ସମୀକ୍ଷା ହେବା ଉଚିତ। ଏହା ନ ହେଲେ ଟିକସ ଆକାରରେ ଜନତା ଦେଉଥିବା ଅର୍ଥ କେବଳ ସ୍ୱାହା ହେବା ହିଁ ସାର ହେବ। ବୈଠକରେ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୫୦ ବର୍ଷର ପୌର ପାଳିକା ହୋଇଥିଲେ ମଧ ଏହା ଏକ ଗାଁ ପରି ଦିଶୁଛି ବୋଲି କେତେକ ସଭ୍ୟ ଅଭିଯୋଗ କରିଥିଲେ। ତେଣୁ ସହରକୁ ସରସ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସେମାନେ ପ୍ରସ୍ତାବ ଦେଇଥିଲେ। ସେହିପରି ଯେଉଁ ଠିକାଦାରମାନଙ୍କୁ ଉନ୍ନୟନମୂଳକ କାର୍ଯ୍ୟର ଠିକା ଦିଆଯାଉଛି ସେମାନେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଛନ୍ତି। ଫଳରେ ସେହି କାର୍ଯ୍ୟଗୁଡିକର ସ୍ଥାୟିତ୍ୱ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ପୌର ସଭ୍ୟମାନେ ନିଜ ୱାର୍ଡରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ କିପରି ଚାଲୁଛି ତାହା ତଦାରଖ କରିବେ ବୋଲି ନଗରପାଳ କହିଥିଲେ। ଏହାଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ଯେଉଁ ଲକ୍ଷ୍ୟ ନେଇ କରାଯାଉଛି ତାହାର ଲକ୍ଷ୍ୟ ପୂରଣ ହୋଇ ପାରିବ। ସେହିପରି ଏବେ ୫ଟି ଛାଟ ବିଭିନ୍ନ କାର୍ଯ୍ୟ ଉପରେ ବାଜୁ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସମସ୍ତେ ଉତ୍ତରଦାୟୀ ରହିବେ। ତେଣୁ ସେଥିପ୍ରତି ଆମେ ସମସ୍ତେ ଧ୍ୟାନ ଦେବା ଉଚିତ ବୋଲି ନଗରପାଳ କହିଥିଲେ। ପୌର ସଭ୍ୟମାନେ ନିଜ ନିଜ ୱାର୍ଡର ପରିମଳ ଓ ରାସ୍ତା ଘାଟ ସମସ୍ୟା ନେଇ ପ୍ରଶ୍ନ ଉଠାଇଥିଲେ। ଏହି ସମସ୍ୟାକୁ ଖୁବଶୀଘ୍ର ସମାଧାନ କରାଯିବ ବୋଲି ନଗରପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ପୌର ନିର୍ବାହୀ ଅଧିକାରୀ ଦେବପ୍ରସଦ ବଳଙ୍କ ସମେତ ସମସ୍ତ ନବ ନିର୍ବାଚିତ ପୌର ସଭ୍ୟମାନେ ଉପସ୍ଥିତ ଥିଲେ।

## ସ୍ୱର୍ଣ୍ଣମୟୀ ସ୍ୱର୍ଣ୍ଣଲତାଙ୍କ 'ସତ୍ୟର ସଂଳାପ' ଲୋକାର୍ପିତ



କୋଣାର୍କ (ପିଏନ୍): ରବିବାର କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଜାତୀୟ ଓ ରାଜ୍ୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ଜୀବନବ୍ୟାପି କୃତିତ୍ୱ, ସନନ୍ଦ ଓ ସୃଜନ ସ୍ୱାକ୍ଷରରେ ସମୃଦ୍ଧ ସ୍ମୃତିକଳିକା 'ସତ୍ୟର ସଂଳାପ' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୀର ଶ୍ରୀପର୍ଣ୍ଣା ପ୍ରକାଶନୀ ଓ ସ୍ୱର୍ଣ୍ଣଲତା ତ୍ରିପାଠୀ ସମ୍ବର୍ଦ୍ଧନା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ରନାଥ ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଡକ୍ଟର ପ୍ରଭାକର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୁରୀ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର ମୁଖ୍ୟ ଅତିଥି, ନିମାପଡା ଶିକ୍ଷା ଜିଲ୍ଲାର ପ୍ରାକ୍ତନ ଶିକ୍ଷାଧିକାରୀ ଡକ୍ଟର ପୀତବାସ ତ୍ରିପାଠୀ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିରୂପେ ଶିଶୁପତ୍ରିକା ବାନରସେନାର ସଂପାଦକ ପ୍ରକାଶଚନ୍ଦ୍ର ଖଟୋଇ, ପ୍ରାକ୍ତନ ବିଜ୍ଞାନ ପର୍ଯ୍ୟବେକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ, ପୁରୀ ମଣ୍ଡଳ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ଦାଶ ଓ



କାକଟପୁର ମଣ୍ଡଳ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି ଯୋଗଦେଇ ଅବସରପ୍ରାପ୍ତ ଏବିଇଓ ତଥା କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କର ଜୀବନବ୍ୟାପି ସାଧନା ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନର ଶୈକ୍ଷିକ ବିକାଶ ସଂଯୋଜକ ରମେଶବଲ୍ଲଭ ସାହୁ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଦାଶ, ସୁରେଶ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ୱାଧୀନ କୁମାର ପ୍ରଧାନ, ଦେବସ୍ମିତା ମହାପାତ୍ର, ସୁଷମା ପ୍ରଧାନ, ତ୍ରିଭୁବନ ମହାପାତ୍ର, ଶିକ୍ଷାବିତ୍ ସାଧୁଚରଣ ବିଶ୍ୱାଳ, ଗଗନବିହାରୀ ପାତ୍ର, ବିଷ୍ଣୁଚରଣ ମହାନ୍ତି, କବୟିତ୍ରୀ ସୁଜାତା ସିହ୍ନା, ବନ୍ଦନା ମହାପାତ୍ର, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, କବି ଚିତ୍ତରଂଜନ ବିଶ୍ୱାଳ ପ୍ରମୁଖ ଏକାଧାରରେ ଆଦର୍ଶ ଶିକ୍ଷୟିତ୍ରୀ, ଶିକ୍ଷା ପ୍ରଶାସିକା ଓ କବୟିତ୍ରୀରୂପେ ପରିଚିତା ସ୍ୱର୍ଣ୍ଣଲତାଙ୍କର ସାମଗ୍ରିକ ଜୀବନଚର୍ଯ୍ୟା ସଂପର୍କରେ ଆଲୋକପାତ କରିଥିଲେ। ଶ୍ରୀପର୍ଣ୍ଣା ପ୍ରକାଶନୀର ସଂପାଦକ କବି ଉମାକାନ୍ତ ମହାପାତ୍ର ଲୋକାର୍ପିତ ପୁସ୍ତକ 'ସତ୍ୟର ସଂଳାପ'ର ସମୀକ୍ଷାତ୍ମକ ଟିପ୍ପଣୀ ଉପସ୍ଥାପନ କରିଥିଲେ। ଶିକ୍ଷାବିତ୍ ପ୍ରତାପ ରାଉତ ଉତ୍ସବର ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ସୁଧୀର କୁମାର ଭୂୟାଁ ଉତ୍ସବ ଆୟୋଜନର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ବିନାୟକ ଇଂରାଜୀ ମିଡ଼ିୟମ ସ୍କୁଲ, ଦଳନଈର ଛାତ୍ରୀମାନେ କବୟିତ୍ରୀ ସ୍ୱର୍ଣ୍ଣଲତାଙ୍କ ରଚିତ କବିତା ଗାନକରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

## ଅକ୍ଷୟ ତୃତୀୟା ଦିବସକୁ ପ୍ରତି ଜିଲ୍ଲାରେ କୃଷକ ଅଧିକାର ଦିବସ ରୂପେ ପାଳିବ ପିସିସି କିଷାନ କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୃଷକ ହେଲେ ଅନ୍ନଦାତା। ଚଷା ଲକ୍ଷେ ଜୀବ ପୋଷା। ସେମାନେ କାହାର ଦୟାର ପାତ୍ର ନୁହଁ। ଚାଷ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଚାଷୀ ବାରମ୍ବାର ସରକାରଙ୍କ ନିକଟରେ ସେମାନଙ୍କର ନ୍ୟାର୍ଯ୍ୟଦାବୀ କରିଆସୁଥିବା ବେଳେ ସରକାର ଚାଷୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସବୁବେଳେ ଅଣଦେଖା କରି ଚାଲିଛନ୍ତି। ଯାହାକି ଆମ ରାଜ୍ୟ ପାଇଁ ଏକ ଅଶୁଭ ସଙ୍କେତ। ତେଣୁ ଆଜିର ବୈଠକରେ ଆସନ୍ତାମାସ ମଇ ୩ ତାରିଖ ଦିନ ପବିତ୍ର ଅକ୍ଷୟ ତୃତୀୟା ଦିବସକୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ପ୍ରତି ଜିଲ୍ଲାସ୍ତରରେ ଓ ରାଜ୍ୟସ୍ତରରେ କୃଷକ ଅଧିକାର ଦିବସ ରୂପେ ପାଳନ କରାଯିବା ପାଇଁ ନିଷ୍ପତି କରାଯାଇଛି। ଉକ୍ତ ଦିନ ପୂର୍ବାହ୍ନରେ କ୍ଷେତରେ ପାରମ୍ପରିକ ରୀତିରେ ଭୂମିପୂଜା ଓ ଅକ୍ଷିମୁଠି ଶୁଭାରମ୍ଭ କରାଯିବା ସହିତ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳ ସ୍ଥାନୀୟ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଓଡ଼ିଶା ରାଜ୍ୟକୁ କିପରି କୃଷି କ୍ଷେତ୍ରରେ ଅଗ୍ରଣୀ ଓ ଆତ୍ମ ନିର୍ଭରଶୀଳ ରାଜ୍ୟ ରୂପେ ଗଢ଼ି ତୋଳାଯାଇ ପାରିବା ସହିତ ଚାଷୀକୁଳର ସାମଗ୍ରୀକ ବିକାଶ ହେବ ଏଥିପାଇଁ ଏକ ବିଧିବଦ୍ଧ ପ୍ରସ୍ତାବ ଗ୍ରହଣ କରାଯିବ। ଯେଉଁ ପ୍ରସ୍ତାବଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ପ୍ରଦେଶ କଂଗ୍ରେସ ସ୍ୱୀକୃତି କ୍ରମେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯିବ ବୋଲି ଅଧକ୍ଷ ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟ ବିଜେଡ଼ି ସରକାର ବିଗତ ୨୨ ବର୍ଷ ମଧ୍ୟରେ ଯେଉଁ ସଂଶୋଧିତ କୃଷିନୀତି ପ୍ରଣୟନ କରିଛନ୍ତି ଏଥିରେ ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ନୁତନତ୍ୱ କିଛି ନାହିଁ ବୋଲି କୃଷକ ନେତାମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଯାହାର ଏକ ନିଛକ ନମୁନା ଓଡ଼ିଶା ଅଦ୍ୟାବଧି ବିହନ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପାରିନାହିଁ। ବାହାର ରାଜ୍ୟ ଉପରେ ବିହନ ପାଇଁ ଆଜି ମଧ ନିର୍ଭର କରିବାକୁ ପଡୁଛି। ବିହନ ପ୍ରତିବଦଳ ହାର ଅଭିବୃଦ୍ଧି ବିଶେଷ ଘଟିନାହିଁ। ଫଳରେ ଚାଷୀ ନକଲି ବିହନର ଶିକାର ହେଉଛି। ରାଜ୍ୟରେ ଖରିଫ ଚାଷରେ ପ୍ରାୟ ୧୮ ଲକ୍ଷ କ୍ୱିଂଟାଲ ପ୍ରାମାଣିକ ଧାନ ବିହନର ଆବଶ୍ୟକତା ରହିଥିବା ବେଳେ ରାଜ୍ୟ ସରକାର ମାତ୍ର ୫ ଲକ୍ଷ କ୍ୱିଂଟାଲ ସରକାରୀ ବିହନ ଚାଷୀମାନଙ୍କୁ ରିହାତି ମୂଲ୍ୟରେ ଯୋଗାଉଛନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ। ବିହନଗ୍ରାମ ଯୋଜନାରେ ବିହନ ଉତ୍ପାଦନ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ ହେଉଛି। କିନ୍ତୁ ଫଳ ଶୂନ। ସେହିଭଳି ଭାବେ ରାଜ୍ୟରେ ବାର୍ଷିକ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଚାହିଦା ଥିବା ବେଳେ ଓଡ଼ିଶାରେ ମାତ୍ର ୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହେଉଛି। ଖରିଫ୍ ଓ ରବି ଚାଷପାଇଁ କାଳିଆ, ବଳିଆ ଓ ପି.ଏମ୍ କିଷାନ ଯୋଜନାରେ ଚାଷୀଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତାରୁ ରାଜ୍ୟର ଅର୍ଦ୍ଧାଧିକ ପ୍ରକୃତ ଚାଷୀ ଏହି ସୁବିଧା ପାଇବାରୁ ବଂଚିତ ହେଉଛନ୍ତି। ଉଭୟ ସରକାରଙ୍କ କୃଷି ଓ କୃଷକ ବିକାଶ କେବଳ ପ୍ରଚାର ଓ ଭୋଟ ସର୍ବସ୍ୱ ହୋଇଛି ବୋଲି ଅଧକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିଭଳି ଭାବରେ ବର୍ତ୍ତମାନ ସମବାୟ ସଂସ୍ଥାଗୁଡ଼ିକର ନିର୍ବାଚନ ରାଜ୍ୟ ସରକାରଙ୍କ କବ୍ଜାରେ। ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପଣ୍ଡିତ ଜବାହରଲାଲ ନେହେରୁ ସମବାୟ ସଂସ୍ଥାଗୁଡ଼ିକ କ୍ରିୟାଶୀଳ ହୋଇ ଗଢ଼ି ଉଠିଲେ କୃଷି ଅର୍ଥନୀତିରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜିର ସରକାର ଏହାକୁ ସମ୍ପୂର୍ଣ୍ଣ ଚୁରମାର କରି ଚାଲିଛନ୍ତି। ତେଣୁ ପ୍ରଚଳିତ ସମବାୟ ନିର୍ବାଚନକୁ କୌଣସି ପରିସ୍ଥିତିରେ ଦଳୀୟ ଭିତିରେ ରାଜନୀତିକରଣ କରା ନ ଯାଉ ବୋଲି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଉଛି। ଏହି ନିର୍ବାଚନରେ ସମବାୟ ସଂସ୍ଥାଗୁଡ଼ିକର ସମସ୍ତ ସଦସ୍ୟମାନଙ୍କୁ ନିର୍ବାଚନରେ ଅଂଶ ଗ୍ରହଣ ପାଇଁ ସୁଯୋଗ ପ୍ରଦାନ କରାଗଲେ ସମବାୟର ପ୍ରକୃତ ମୂଲ୍ୟବୋଧ ସମସ୍ତେ ଉପଲବ୍ଧ କରିପାରିବେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଂଜନ ଦାଶ, କୃଷକ ନେତା ବୃନ୍ଦାବନ ଖଟେଇ, ପଦ୍ମଚରଣ ସାହୁ, ସଦାନନ୍ଦ ଓଝା, ନିରଂଜନ ବେହେରା, ଅରବିନ୍ଦ ସାମଲ, ବସନ୍ତ କୁମାର ମହାରଣା, ଧ୍ରୁବଚରଣ ପରିଡ଼ା, ରଜତ କୁମାର ଦାସ ପ୍ରମୁଖ କର୍ମକର୍ତ୍ତା ଓ ଜିଲ୍ଲା ସଭାପତିମାନେ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସାମ୍ବାଦିକଙ୍କ ଗୋଡରେ ବେଡି ପକାଇବା ଘଟଣାକୁ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ନିନ୍ଦା

ଧର୍ମଶାଳା (ପିଏନ୍): ବାଲେଶ୍ୱର ଜିଲ୍ଲା ନିଳଗିରି ଅଂଚଳର ଜଣେ ସାମ୍ବାଦିକଙ୍କୁ ପୋଲିସ ଗିରଫ କରି ଚିକିସ୍ଥାଧିନ ଅବସ୍ଥାରେ ତାଙ୍କ ଗୋଡରେ ବେଡି ପକାଇବା ଘଟଣାକୁ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ଏନେଇ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଏକ ପ୍ରତିବାଦ ସଭା ପ୍ରେସ କ୍ଲବ ପରିସରରେ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସୂଚନା ଦେଇ କହିଲେ ଯେ ନିଳଗିରିର ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ନୀଳଗିରି ପୋଲିସ ମିଥ୍ୟା ଅଭିଯୋଗରେ ଆକ୍ରୋଶମୂଳକ ଭାବେ ଗିରଫ କରିବା ସହ ଥାନାରେ ଦୀର୍ଘ ୧୨ ଘଂଟା ଅଟକ ରଖି ନିର୍ଯ୍ୟାତନା ଦେଇଥିଲେ । ଏହି ନିର୍ଯ୍ୟାତନା ସହି ନପାରି ଶ୍ରୀ ଦଳେଇ ଅସୁସ୍ଥ ହୋଇପଡିବାରୁ ତାଙ୍କ ଗୋଡରେ ବେଡି ପକାଇ ସ୍ଥାନୀୟ ମେଡିକାଲରେ ଚିକିତ୍ସା କରାଯାଉଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଜଣେ କର୍ତବ୍ୟରତ ସାମ୍ବାଦିକଙ୍କୁ ପୋଲିସର ଏଭଳି ଅତ୍ୟାଚାର କରିବା ସହ ତାଙ୍କୁ ନିର୍ଯ୍ୟାତନା ଦେଇଥିବା ଥାନା ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଦାବି କରାଯାଇଥିଲା । ଏହି ବୈଠକରେ ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ,କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, ଆଇନ ପରାମର୍ଶଦାତା କ୍ଷୀରୋଦ ମୁଦୁଲି, ସହ ସମ୍ପାଦକ ମାନସ ରଂଜନ ଜେନା, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିବେକାନନ୍ଦ ରାୟ, ବିକ୍ରମ କେଶରୀ ମହାନ୍ତି, କିଶୋର କୁମାର ରାଉତ, ଅକ୍ଷୟ କୁମାର ରାଉତ, ରଶ୍ମୀରଂଜନ ରାୟ, ବିନୋଦ ସାହୁ, ବିନୋଦ ପରିଡା, ସୁବ୍ରତ ଜେନା, ଗିରିଧାରୀ ବେହେରା, ଅନିଲ ନାୟକ, ପ୍ରସନ୍ନ ପାଣି, ପ୍ରଭୁଦତ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଘଟଣାର ତୀବ୍ର ନିନ୍ଦା କରିଥିଲେ ।

## ସାବରମତୀରୁ ବୀରଭୂମି ଯାତ୍ରା: କଂଗ୍ରେସର ସ୍ୱାଧିନତା ଗୌରବ ଯାତ୍ରାରେ ଓଡ଼ିଶା କଂଗ୍ରେସ ସେବାଦଳ କର୍ମୀ

ଭୁବନେଶ୍ୱର (ପିଏନ୍)– ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ଏକ ୫୮ ଦିନିଆ 'ସ୍ୱାଧୀନତା ଗୌରବ ଯାତ୍ରା' ଗତ ୬ ତାରିଖ ଦିନ ଗୁଜୁରାଟର ସାବରମତୀ ଆଶ୍ରମରୁ ବାହାରିଛି। ୫୮ ଦିନର ଏହି ଯାତ୍ରା ଗୁଜୁରାଟ, ରାଜସ୍ଥାନ ଓ ହରିୟାନା ରାଜ୍ୟ ଦେଇ ଜୁନ ୧ ତାରିଖ ଦିନ ଦିଲ୍ଲୀର ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ସମାଧି ସ୍ଥଳ ବୀରଭୂମି ଠାରେ ପହଂଚିବ। ପଦଯାତ୍ରୀମାନେ ୧ ହଜାର ୧ଶହ କିଲୋମିଟର ପଥ ଯାତ୍ରା କରିବେ। ସାରା ଭାରତବର୍ଷରୁ ୭୫୦ ସେବାଦଳ କର୍ମୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସୂତ୍ରରୁ ପ୍ରକାଶ। ଓଡ଼ିଶାରୁ ୫ଜଣ ଟ୍ରେନିଂ ପ୍ରାପ୍ତ କର୍ମୀ ଶ୍ରୀମତୀ ବିନୋଦିନ ଦୀପ, ସେକ ଚାନ୍ଦ ଉସୁମାନି, ପ୍ରଶନ୍ନ ପାଇକରାୟ, ଝୁଲେନ୍ଦ୍ର ବାରିକ ଓ ରମେଶ ମଲ୍ଲିକ ଯୋଗ ଦେଇଛନ୍ତି। ସମସ୍ତ କାର୍ଯ୍ୟକ୍ରମ ନିଖିଳ ଭାରତ କଂଗ୍ରେସ ସେବାଦଳ ମୁଖ୍ୟ ସଂଗଠକ ଲାଲଜୀ ଭାଇ ଦେଶାଇଙ୍କ ପ୍ରମୁଖ ନିର୍ଦ୍ଦେଶନାରେ ହେଉଅଛି। ଓଡ଼ିଶା ପ୍ରଭାରୀ ଶ୍ରୀ ଚୟନ ସିଂ ସାୱଲେ ତାଙ୍କୁ ସହଯୋଗ କରୁଛନ୍ତି। ଓଡ଼ିଶାର ପଦଯାତ୍ରୀମାନେ ସାବରମତୀ ଯିବା ପୂର୍ବରୁ ଭୁବନେଶ୍ୱର ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଇଥିଲେ। ରେଳ ଷ୍ଟେସନ ଠାରେ ପ୍ରଦେଶ କଂଗ୍ରେସ ସେବାଦଳ କର୍ମକର୍ତା ସର୍ବଶ୍ରୀ ସୁଶାଂ ମହାରଣା, ଜ୍ୟୋତିଷ କୁମାର ସାହୁ, କୁଳମଣି ସାହୁ, ମହମ୍ମଦ ସାହାଦୁଲ୍ଲା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ବୋଲି ଡ. ଜ୍ଞାନେନ୍ଦ୍ର ଜଣାଇଛନ୍ତି।

## ବ୍ୟବସାୟୀଙ୍କ ମୃତ ଦେହ ଉଦ୍ଧାର

ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତ ଅନ୍ତର୍ଗତ ନଗରୀ ରଂଗଣୀସାହିରୁ ଜଣକର ମୃତ ଦେହକୁ ପୁଲିସ ଉଦ୍ଧାର କରିଛି। ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବବୋଲି ପୁଲିସ କହିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ନଗରୀ ଗ୍ରାମର ବିଜୟକୁମାର ସାହୁ (୫୪)ଙ୍କ ନିଖୋଜ ନେଇ ତାଙ୍କ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କର ମୃତ ଦେହ ଘରର ବାରିପଟେ ପଡ଼ିଥିବା ଦେଖିବାକୁ ମିଳିଥିଲା; ତେବେ ମୃତ ଦେହକୁ ତରବର ହୋଇ ପୋଡ଼ି ଦେବାକୁ ଉଦ୍ୟମ ହେଉଥିଲାବେଳେ ପୁଲିସ ଘଟଣାସ୍ଥଳକୁ ଯାଇ ଶବ ଜବତ କରିଥିଲା। ଅପରପକ୍ଷରେ ଜମିବାଡ଼ି ଏବଂ ଟଙ୍କାକୁ କେନ୍ଦ୍ର କରି ତାଙ୍କ ପରିବାରରେ ଅନେକ ଥର ପାଟିତୁଣ୍ଡ ଏବଂ ବିଜୟଙ୍କୁ ମାଡ଼ ମରାଯିବା ପରି ଘଟଣା ହେଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସେହିପରି ବଡ଼ ପୁଅ ଭିନ୍ନ ଜାତିରେ ବିବାହକୁ ନେଇ ମଧ୍ୟ ଅନେକ ଥର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।




# ଭୁବନେଶ୍ୱରରେ ବିଶାଳ ପାଇକ ଆଖଡ଼ା ଜନଗର୍ଜନ ସମାବେଶ

ଭୁବନେଶ୍ୱର, (ପି.ଏନ): ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଦାବି ଓ ପାଇକ ରେଜିମେଂଟ ଗଠନ ଆଦି ଦାବି ନେଇ ବୁଧବାର ଦିନ ଭୁବନେଶ୍ୱରରେ ବିଶାଳ ପାଇକ ଆଖଡ଼ା ଜନଗଜର୍ନ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମାଷ୍ଟର କ୍ୟାଂଟିନ ଛକରୁ ହଜାର ହଜାର ପାଇକ ଏକ ବିରାଟ ଶୋଭାଯାତ୍ରାରେ ପାରମ୍ପରିକ ବେଶପୋଷକ ପରିଧାନ କରି ଖଣ୍ଡା, ତଲୱାର, ଗଦା, ମୁଦ୍‌ଗର ଆଦି ଧରି ପାଇକ ଆଖଡ଼ା ପ୍ରଦର୍ଶନ କରି, ରଣ କୁହାଟ ଦେଇ ରାମ ମନ୍ଦିର ଛକ ଅତିକ୍ରମ କରି ପ୍ରଦର୍ଶନୀ ପଡ଼ିଆରେ ପହଂଚିଥିଲା । ସେଠାରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ କହିଥିଲେ ଯେ, ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବ୍ରିଟିଶମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିଲା ଓଡ଼ିଶାର ଖୋର୍ଦ୍ଧା ମାଟିରୁ । ତେଣୁ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁର୍ଖାଜୀ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଉତ୍ସବ ଦିଲ୍ଲୀର ବିଜ୍ଞାନ ଭବନରେ ପାଳନ ଅବସରରେ ମତବ୍ୟକ୍ତ କରିଥିଲେ । କିନ୍ତୁ ବର୍ତ୍ତମାନ ଏହାକୁ ଅସ୍ୱୀକାର କରାଯିବା ଓଡ଼ିଶାର ଜନସାଧାରଣଙ୍କ ସ୍ୱାଭିମାନ ପ୍ରତି ଏହା ଏକ ବିଶେଷ କୁଠାରଘାତ । ସେମାନେ ଦାବି କରିଛନ୍ତି ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବା ସହିତ ଓଡ଼ିଶାରେ ପାଇକ ରେଜିମେଣ୍ଟ ଗଠନ କରାଯାଉ । ଯାହାଦ୍ୱାରା ଓଡ଼ିଶା ଯୁବକମାନଙ୍କର ବେକାରୀ ସମସ୍ୟାର ସମାଧାନ ହେବା ସହ ସେମାନେ ଦେଶମାତୃକାର ସେବା ପାଇଁ ସୈନ୍ୟବାହିନୀରେ ଯୋଗ ଦେଇପାରିବେ,ଏହା ଆମର ହକ୍ ଦାବି । ଯେପର୍ଯ୍ୟନ୍ତ ଆମର ଦାବି ପୂରଣ ନହୋଇଛି, ପର୍ଯ୍ୟାୟକ୍ରମେ ଏହିଭଳି ଆନ୍ଦୋଳନ ଆଗାମୀ ଦିନରେ ଭୟଙ୍କର ଭାବେ କରାଯିବ ବୋଲି ସେମାନେ ଦୃଢ଼ ଚେତାବନୀ ଦେଇଛନ୍ତି । ପ୍ରୟୋଜନ ହେଲେ ଏହି ଦାବି ପୂରଣ ପାଇଁ ଦିଲ୍ଲୀର ରାମଲୀଳା ମୈଦାନ, ଲାଲକିଲ୍ଲା ଆଦିରେ ହଜାର ହଜାର ପାଇକ ଯାଇ ବିପ୍ଳବ କରିବା ସହିତ ସମସ୍ତ ଐତିହାସିକ ତଥ୍ୟ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ଓଡ଼ାର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ ଅଧ୍ୟକ୍ଷ ଅନୁପମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାଠ୍ୟର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେଗୀମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଉଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତ୍ତୀ ସମୟରେ ପ୍ରାୟ ୧୯ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଅପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡିପାର୍ଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ର ଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ ସର୍କିଟ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଉଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ଆଦିବାସୀ ମେଳାରେ ଭୂମିଜ ଜନଜାତିଙ୍କ ଖଜୁରୀପତ୍ର କଳାକୃତିର ଚାହିଦା

ଭୁବନେଶ୍ୱର,(ପି.ଏନ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅପ୍ରେଲ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଆଜି ପଂଚମ ଦିବସରେ ପହଂଚିଛି । ଖରାର କୋପ ସତ୍ୱେ ଆଦିବାସୀ ମେଳାରେ ଲୋକଭିଡ଼ ଅପରାହ୍ନରୁ ଆରମ୍ଭ ହୋଇଯାଇଥିଲା । କିଣାବିକାର ମାହୋଲ ସହ ଜନଜାତି କଳାସାମଗ୍ରୀ ମେଳାରେ ଜନଜାତି କାରିଗରମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀକୁ ଦର୍ଶକମାନେ ଖୁବ୍ ଉତ୍ସୁକତାର ସହ ପରଖୁଥିଲେ । କାରିଗରମାନଙ୍କ ସହ କଳାସାମଗ୍ରୀ ପ୍ରସ୍ତୁତି କୌଶଳ ଉପରେ ଆଲୋଚନା କରୁଥିଲେ । ସବୁଠାରୁ ଆକର୍ଷଣୀୟ ଥିଲା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅନ୍ତର୍ଗତ ଶାଳବଣୀରୁ ଆସିଥିବା ଭୂମିଜ ଜନଜାତିର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କଅଁଳ ଖଜୁରୀ ପତ୍ର ଓ ଶିଆଳି ପତ୍ରର ବିଭିନ୍ନ ସୌଖୀନ ସାମଗ୍ରୀ । ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତ ଉପରେ ଦର୍ଶକଙ୍କ ନଜର ଲାଗି ରହିଥିଲା । କଅଁଳ ଖଜୁରୀ ପତ୍ରକୁ ସୁନ୍ଦର ଭାବେ ସଜାଇ ଫୁଲଦାନୀ ପାଇଁ ଫୁଲ, ଫାସିଆ, ଝାଲର, କାନ୍ଥରେ ଝୁଲାଇବାର ଭିନ୍ନ ଭିନ୍ନ ଆକୃତିର ସୌଖୀନ ସାମଗ୍ରୀ ବେଶ ମନଲୋଭା ହୋଇଛି । ଶିଆଳି ପତ୍ରର ଟୋପି, ଖରାରୁ ରକ୍ଷା ପାଇବା ପାଇଁ ଏକ ପରିବେଶ ଉପଯୋଗୀ ଓ ସୌଖୀନ ହୋଇଥିବାରୁ ଏହା ପ୍ରତି ସମସ୍ତଙ୍କର ଆଗ୍ରହ ରହୁଥିଲା । ଏହି ସାମଗ୍ରୀଗୁଡ଼ିକ ବର୍ଷ ବର୍ଷ ଧରି ଅତୁଟ ରହୁଥିବାରୁ ଏବଂ ପରିବେଶ ଅନୁକୂଳ ହୋଇଥିବାରୁ ଏହାର ଚାହିଦା ବେଶ୍ ଭଲ ଥିବାର ଭୂମିଜ କାରିଗରମାନେ କହନ୍ତି । ଆଜି ଅପରାହ୍ନରେ ମୁଖ୍ୟ ମଂଚରେ ବାଲିଗୁଡ଼ା ଅଂଚଳରୁ ଆସିଥିବା କନ୍ଧମାନଙ୍କ ପାରମ୍ପରିକ ନୃତ୍ୟ, କପ୍ତିପଦା ଅଂଚଳର ହୋ ଜନଜାତିମାନଙ୍କ ବା ପରବ ନୃତ୍ୟ, ପାନପୋଷ ସବ୍‌ଡିଭିଜନ୍ ରୁ ଆସିଥିବା ଓରାଓଁମାନଙ୍କ କରମା, ମୁଣ୍ଡା ଜନଜାତି ମାନଙ୍କ ବଡ଼କାରାମ, କପ୍ତିପଦା ଅଂଚଳର ସାନ୍ତାଳ ନୃତ୍ୟ ଏବଂ ପାନପୋଷ ଅଂଚଳର କିସାନମାନଙ୍କ ନୃତ୍ୟ ବିଚିତ୍ରା ଦର୍ଶକଙ୍କୁ ମନ୍ତ୍ରମୁଟ କରିଥିଲା । ମେଳାକୁ ଆସିଥିବା ଦର୍ଶକମାନେ କିଣାକିଣିର ଭରପୂର ଆନନ୍ଦ ନେଇଥିଲେ ।

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଗୋଟିଏ ଦିନରେ ୧୦ କରୋନା ଆକ୍ରାନ୍ତ ଚିହ୍ନଟ, ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୦୧୭

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୦୧୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୭୬୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୦ ରହିଛି ।ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬ ଜଣ ସଂଗରୋଧରୁ ଓ ୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ତଥା ଖୋର୍ଧା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରୁ ୨ ଜଣ ସଂକ୍ରମିତ ହୋଇଛନ୍ତି । ଅବଶିଷ୍ଟ ୨୬ ଟି ଜିଲ୍ଲାରୁ ଓ ଷ୍ଟେଟ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ୟତା ଗୁରୁତ୍ତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୂର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଂଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

# ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟାପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

# ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

# ଉତ୍କଳ ଗୌରବ ମଧୁବାବୁ ଏବଂ ଆଇନ ଦିବସର ବିଶେଷତ୍ୱ


ବିଶ୍ୱଜିତ ପାଣି

'କାଳିଆ ଘୋଡାରେ ଚଢ଼ିବି, ମଧୁ ବାରିଷ୍ଟର ସଂଗେ ଲଢ଼ିବି ଓ ଏହି ଉକ୍ତିଟି ସମସ୍ତଙ୍କୁ ଅନେକ ପ୍ରେରଣା ଯୋଗାଇ ଆସି ଥାଏ ଓ ହଁ ସେହି ମଧୁ ବାରିଷ୍ଟର ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ ଓ ମଧୁବାବୁ ଙ୍କର ଜନ୍ମ ହୁଏ ୧୮୪୮ ମସିହା ଏପ୍ରିଲ ମାସ ୨୮ ତାରିଖ ଦିନ କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମରେ ଓ ପ୍ରାୟ ସମସ୍ତ କ୍ଷେତ୍ରରେ ପ୍ରଥମ ଓଡ଼ିଆ ହେବାର ସୌଭାଗ୍ୟ ହାସଲ କରିପାରିଥିବା ମଧୁବାବୁ ଙ୍କୁ ନିଜର ଧର୍ମ ପରିବର୍ତନ କରିବାକୁ ପଡିଥିଲା କେବଳ ନିଜର ଉଚ୍ଚ ଶିକ୍ଷା କୁ ବଜାୟ ରଖିବା ପାଇଁ ଓ କଲିକତାର ଭବାନୀପୁର ସ୍ଥିତ ବେଥନ ମହାବିଦ୍ୟାଳୟ ଯାହା କି ଏକ ମିସନାରୀ ଦ୍ୱାରା ପରିଚାଳିତ ହୋଇଥିବା କାରଣରୁ ମଧୁବାବୁଙ୍କୁ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ପଡିଥିଲା ଓ ସେହି ସମୟରେ କେବଳ ଖ୍ରୀଷ୍ଟିଆନ ହୋଇଯିବ ଆଶଙ୍କାରେ ହିନ୍ଦୁ ରକ୍ଷଣଶୀଳ ପରିବାରର ମୁଖ୍ୟ ମାନେ ନିଜର ସନ୍ତାନ ସନ୍ତତି ମାନଙ୍କୁ ବାହାରକୁ ଯାଇ ଉଚ୍ଚ ଶିକ୍ଷା ଲାଭ କରିବାକୁ ବାରଣ କରିଆସୁଥିଲେ ଓ ସ୍ନାତକୋତର ଅଧ୍ୟୟନ ସମୟରେ ସେହି ମହାବିଦ୍ୟାଳୟ ରେ ପଢୁଥିବା ଜଣେ ଛାତ୍ରୀ ସୌଦାମିନୀ ଚାଟାର୍ଜୀ ନାମ୍ନୀ ଜଣେ ଖ୍ରୀଷ୍ଟିଆନ ଯୁବତୀ ଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଉଭୟ ଖ୍ରୀଷ୍ଟିଆନ ହୋଇଥିବା କାରଣରୁ ସ୍ଥାନୀୟ ଏକ ଚର୍ଚ୍ଚରେ ସେମାନଙ୍କର ବିବାହ ସମ୍ପର୍ଣ୍ଣ ହୁଏ ୧୮୭୩ ମସିହାରେ ଯଦିଓ ତାଙ୍କର ଏହି ବାହାଘର ସମ୍ପର୍କରେ ମଧୁବାବୁଙ୍କର ବାପା ମା କିମ୍ବା ଅନ୍ୟାନ୍ୟ ପରିବାରବର୍ଗ ଜାଣି ନ ଥିଲେ ଓ ୧୮୭୦ ମସିହାରେ ପ୍ରଥମ ଓଡ଼ିଆ ସ୍ନାତକ ଡିଗ୍ରୀ ହାସଲ କରିବାରେ ପ୍ରଥମ ଓଡ଼ିଆ ହେବାର ସୌଭାଗ୍ୟ ହେବ ସହିତ ୧୮୭୩ ମସିହାରେ ପ୍ରଥମ ଓଡ଼ିଆ ସ୍ନାତକୋତର ଡିଗ୍ରୀ ହାସଲ ଏବଂ ୧୮୭୮ ମସିହାରେ ସେ ଆଇନ ରେ ସ୍ନାତକ ଡିଗ୍ରୀ ହାସଲ କରିବାରେ ପ୍ରଥମ ଓଡ଼ିଆ ହେବାର ସୌଭାଗ୍ୟ ହାସଲ କରିପାରିଛନ୍ତି ଓ ୧୮୭୮ ମସିହାରେ ମଧୁସୂଦନ ଅଲିପୁର ଠାରେ ଆଇନ ବ୍ୟବସାୟ ଆରମ୍ଭ କରିବା ବେଳକୁ ତାଙ୍କର ପତ୍ନୀ ସୌଦାମିନୀଙ୍କର ହୃଦଘାତ କାରଣରୁ ଆକସ୍ମିକ ମୃତ୍ୟୁ ହୋଇ ସରିଥାଏ ଓ ତେଣୁ ମଧୁବାବୁ ନିଜର ଜନ୍ମସ୍ଥାନ କୁ କର୍ମକ୍ଷେତ୍ର ଭାବରେ ଗ୍ରହଣ କରି ୧୮୮୧ ମସିହାରେ ଫେରିଆସନ୍ତି କଟକକୁ ଏବଂ ଏହି କଟକରେ ହିଁ ସେ ତାଙ୍କର ଓକିଲାତି ବ୍ୟବସାୟ ଆରମ୍ଭ କରିଦିଅନ୍ତି ଓ ସବୁଠାରୁ ଉଲ୍ଲେଖନୀୟ ତଥା ଆଶ୍ଚର୍ଯ୍ୟ ବିଷୟ ହେଲା ପ୍ରଥମ ଓଡ଼ିଆ ଆଇନଜୀବୀ ମଧୁବାବୁ ଯେତେବେଳେ ଓଡିଶାକୁ ଫେରନ୍ତି ଯେଉଁ ସ୍ୱାଗତ ସମ୍ବର୍ଦ୍ଧନା ମିଳିବା କଥା ସେଥିରୁ ତାଙ୍କୁ ବଂଚିତ ହେବାକୁ ପଡିଥିଲା ଏବଂ ନିଜକୁ ଖୁବ ଅସହାୟ ର ସମ୍ମୁଖୀନ ହେବାକୁ ମଧ୍ୟ ପଡୁଥିଲା ଓ କାରଣ କଟକ ରେ ସେତେବେଳେ ବଙ୍ଗାଳି ଆଇନଜୀବୀ ମାନଙ୍କର ଆଧିପତ୍ୟ ବିସ୍ତାର ହୋଇ ସାରିଥାଏ ଓ ମଧୁବାବୁ ଛାତ୍ରାବସ୍ଥାରୁ ଜଣେ ବାକ୍ୟବୀର ଭାବରେ ପରିଚିତ ଓ ଯୁକ୍ତିଯୁକ୍ତ ଭାବରେ କଥା କହି ଅନ୍ୟମାନଙ୍କୁ ପ୍ରଭାବିତ କରିପାରିବାରେ ତାଙ୍କର ଧୀଶକ୍ତି ଥିଲା ଓ ବୋଧହୁଏ ଏହି ଦକ୍ଷତା ହିଁ ତାଙ୍କୁ ଜଣେ ଦକ୍ଷ ତଥା ପ୍ରତିଷ୍ଠିତ ଆଇନଜୀବୀ ହେବାରେ ସହାୟକ ହୋଇପାରିଥିଲା ଓ ମଧୁବାବୁ କଟକରେ ଓକିଲାତି ଆରମ୍ଭ କଲା ସମୟରେ ଅଣ ଓଡ଼ିଆ ଆଇନଜୀବୀ ମାନଙ୍କର ଅସହଯୋଗ ଏବଂ ପ୍ରାଧାନତା ହେତୁ ବାର ରେ ବସିବାକୁ ସ୍ଥାନଟିଏ ମଧ୍ୟ ମିଳୁ ନଥିଲା ଓ ଏପରିକି ନିଜ ଜନ୍ମିତ ରାଜ୍ୟରେ ସେ ବିଦେଶୀ ବୋଲି ଅନୁଭବ କରୁଥିଲେ ଓ କିଛି ବର୍ଷ ପରେ ନିଜର ଖ୍ୟାତି ତଥା ପ୍ରତିଷ୍ଠା ବଳରେ ମଧୁବାବୁ ବାର ଆସୋସିଏସନ ର ସଭାପତି ଭାବରେ ନିର୍ବାଚିତ ହେଲେ ଓ ଜଣେ ସ୍ୱଷ୍ଟ , ନିର୍ଭିକ ତଥା ନିରପେକ୍ଷ ବ୍ୟକ୍ତିତ୍ୱ ହିଁ ମଧୁବାବୁଙ୍କର ପ୍ରକୃତ ପରିଚୟ ଓ ଅନେକ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମା ସବୁ ସେ ନିଜର ଉପସ୍ଥିତ ବୁଦ୍ଧି ଏବଂ ବାକପଟୁତା ମାଧ୍ୟମରେ ନିଜର ପକ୍ଷ ମାନଙ୍କ ନ୍ୟାୟ ଦେବାରେ ସକ୍ଷମ ହୋଇପାରୁଥିଲେ ସ୍ୱୟଂ ମଧୁବାବୁ ଓ କଟକକୁ ପଢିବାକୁ ଆସୁଥିବା ଦରିଦ୍ର ଓଡ଼ିଆ ଛାତ୍ର ମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇଦେବା ସହିତ ନିଜର ମହକିଲ ମାନଙ୍କଠାରୁକୌଣସି ମକଦ୍ଦମା ପାଉଣା ନ ନେବାର ନଜିର ମଧ୍ୟ ରହିଆସିଅଛି ଓ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି ଭାଷା ଭିତ୍ତିରେ ଅଈଶ ପ୍ରଦେଶ ର ଗଠନ ଠାରୁ ଉତ୍କଳ ଟ୍ୟାନେରୀ ପର୍ଯ୍ୟନ୍ତ ସବୁଠାରେ ମଧୁବାବୁଙ୍କ ନିଷ୍ଠା ସ୍ୱଷ୍ଟ ଭାବରେ ବାରି ହୋଇପଡେ ଓ ଏପରିକି ବିହାର-ଓଡିଶା ପ୍ରଦେଶର ପ୍ରଥମ ଓଡ଼ିଆ ମନ୍ତ୍ରୀ ହେବାର ସୌଭାଗ୍ୟ ମଧ୍ୟ ହାସଲ କରିପାରିଛନ୍ତି ମଧୁବାବୁ ଓ ଓଡିଶା ସରକାର ଏହି ଅନନ୍ୟ ବ୍ୟକ୍ତି ମଧୁବାବୁଙ୍କର ଜନ୍ମ ଦିବସ ଟିକୁ 'ରାଜ୍ୟ ଆଇନ ଦିବସ' ଭାବରେ ପାଳନ କରିଆସୁଛନ୍ତି ଓ ବାସ୍ତବିକ ମଧୁବାବୁ ପ୍ରକୃତରେ ଓଡ଼ିଶାର ଗୌରବ ଏବଂ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ନିଜର ସ୍ଥାନକୁ ସୁରକ୍ଷିତ କରିପାରିବାରେ ସକ୍ଷମ ହୋଇପାରିଛନ୍ତି ଓତେବେ ଏହି ଆଇନ ଦିବସଟିକୁ ପାଳନ କରିବା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ପରିସରକୁ ଆସିଥାଏ ତାହା ହେଲା ବିଳମ୍ବିତ ନ୍ୟାୟ ବ୍ୟବସ୍ଥା ଓ ଗଣତନ୍ତ୍ର ର ଚାରୋଟି ସ୍ତମ୍ଭ ମଧ୍ୟରୁ ବିଚାର ବିଭାଗୀୟ ବ୍ୟବସ୍ଥା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଓ କାରଣ ନ୍ୟାୟ ବ୍ୟବସ୍ଥା ଏପରି ଏକ ବ୍ୟବସ୍ଥା ଯାହା ଦ୍ୱାରା ଆଇନର ଶାସନକୁ ଯଥାର୍ଥତା ପ୍ରତିପାଦନ କରିବା ସହିତ ସମ୍ବିଧାନରେ ଉଲ୍ଲିଖିତ ସମାନତା ର ଅଧିକାରକୁ ସାବ୍ୟସ୍ତ କରିଥାଏ ଓ ଯଦି ନ୍ୟାୟିକ ବ୍ୟବସ୍ଥା ତ୍ୱରିତ ପରିବର୍ତ୍ତ ? ବିଳମ୍ବ ହୁଏ ତେବେ ମାନବିକ ଅଧିକାରର ଉଲ୍ଲଙ୍ଘନ ହେବାଓ ସହିତ ଅନ୍ୟ ତିନୋଟି ସ୍ତମ୍ଭଙ୍କୁ ଦୁର୍ବଳ କରିଦେଇଥାଏ ଓ 'Justice Delayed, Justice Denied' ଯଥା ବିଳମ୍ବିତ ନ୍ୟାୟ କୁ ନ୍ୟାୟ ବୋଲି ବିବେଚନା କରଓ ଯାଇ ନ ପାରେ ଓ ଏବଂ ଅପର ପକ୍ଷରେ 'Justice Hurried, Justice Buried' ଅର୍ଥାତ ଅତି ଶୀଘ୍ର ନ୍ୟାୟ ପ୍ରଦାନ ମଧ୍ୟ ପ୍ରକୃତ ନ୍ୟାୟକୁ ସମାଧିସ୍ଥ କରିଥାଏ ଓ ତେବେ ଏଠାରେ ପ୍ରଶ୍ନ ଉଠେ ଯେ ଏହି ତ୍ୱରିତ ନ୍ୟାୟ ବା ଅତି ଶୀଘ୍ର ନ୍ୟାୟ ପ୍ରଦାନ ତଥା ବିଳମ୍ବିତ ନ୍ୟାୟ ମଧ୍ୟରେ ଆଇନତଃ ଏକ ସମୟ ସୀମା ନିର୍ଦ୍ଧାରଣ ହେବ ନିହାତି ଜରୁରୀ ମାନେ ହୁଏ ଓ ବିଶିଷ୍ଟ ଗ୍ରୀକ ଦାର୍ଶନିକ ଆରିଷ୍ଟୋଟଲ ଙ୍କ ମତରେ 'ନ୍ୟାୟ ମଧ୍ୟରେ ସାମାଜିକ ଶୃଙ୍ଖଳା ହିଁ ଏକ କେନ୍ଦ୍ର ବିନ୍ଦୁ' ଓ ସେହିଭଳି ବିଶିଷ୍ଟ ସମାଜସେବୀ ତଥା ଆମେରିକୀୟ ନୋବେଲ ପୁରସ୍କାର ବିଜେତା ମାର୍ଟିନ ଲୁଥର କିଙ୍ଗ ଜୁନିଅର କହୁଥିଲେ 'ଯେ କୌଣସି ଠାରେ ଅନ୍ୟାୟ ପ୍ରଦର୍ଶନ ହିଁ ପ୍ରତ୍ୟେକ କ୍ଷେତ୍ରରେ ନ୍ୟାୟ ପ୍ରଦାନକୁ ଉପେକ୍ଷିତ କରି ଥାଏ' ଓ ତେବେ ବିଳମ୍ବିତ ନ୍ୟାୟ ପାଇଁ ଅନେକ ସାମ୍ପ୍ରତିକ ପ୍ରସଙ୍ଗ ସବୁ କୁ ଦାୟୀ କରାଯାଇପାରେ ଓ ସେଥିମଧ୍ୟରୁ ମୁଖ୍ୟ କାରଣଟି ହେଉଛି ବିଚାରପତି ପଦବୀ ପୁରଣ ନ ହେବା ଏବଂ ଲୋକସଂଖ୍ୟା ଅନୁପାତରେ ବିଚାରପତି ମାନଙ୍କ ସଂଖ୍ୟା ଯଥେଷ୍ଟ କାମ ଓ ଏହା ବ୍ୟତୀତ ସରକାରୀ ଅଧିକାରୀ ମାନଙ୍କର ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ପକ୍ଷ ନ ରଖିବା ମୁଖ୍ୟ କାରଣ ଓ ସର୍ବଶେଷରେ ଏହି ବିଳମ୍ବିତ ନ୍ୟାୟ ବ୍ୟବସ୍ଥା ପାଇଁ କାହାକୁ ଉତ୍ତରଦାୟୀ ନ କରିବା ହିଁ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇଥାଏ ଅଦ୍ୟାବଧି ହାରାହାରି ୫୦ ଭାଗରୁ ଉର୍ଦ୍ଧ୍ୱ ମକଦ୍ଦମା ରେ ସରକାର ପକ୍ଷଭୁକ୍ତ ହୋଇଥାନ୍ତି ଓଏହି ବିଳମ୍ବିତ ନ୍ୟାୟ ଦ୍ୱାରା ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଥାନ୍ତି ମଧ୍ୟବିତ୍ତ ତଥା ନିମ୍ନବର୍ଗ ରେ ଜନସାଧାରଣ ଓ ଆଜିକାଲି ଯେଉଁଭଳି ସାମାଜିକ ଅସ୍ଥିରତା , ଅରାଜକତା, ଦୁର୍ନୀତି ଏବଂ ଭ୍ରଷ୍ଟାଚାର ଦେଖିବାକୁ ମିଳୁଛି ତାହା ନ୍ୟାୟ ବ୍ୟବସ୍ଥାରେ ତ୍ରୁଟି ସବୁ ହିଁ ମୁଖ୍ୟ କାରଣ ଓ ବିଶିଷ୍ଟ ଆଇନଜ୍ଞ ସୋଲି ସୋରଓବଜୀ ଙ୍କ ମତରେ 'ବିଳମ୍ବିତ ନ୍ୟାୟ କେବଳ ପ୍ରକୃତ ନ୍ୟାୟ କୁ ଉପେକ୍ଷିତ କରି ନ ଥାଏ ବରଂ ଏହା ଆମ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ଆଇନର ଶାସନକୁ ନଷ୍ଟ କରି ଦେଇଥାଏ' ଓ ତେଣୁ ସରକାର ସହୃଦୟତାର ସହିତ ଏହି ପବିତ୍ର ଆଇନ ଦିବସରେ ବିଳମ୍ବିତ ନ୍ୟାୟ ତଥା ତ୍ୱରିତ ନ୍ୟାୟ ପ୍ରଦାନ ମଧ୍ୟରେ ଗୋଟିଏ ବୈଧିକରଣ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ ଯାହା ଦ୍ୱାରା ବର୍ଷ ବର୍ଷ ଧରି ବିଚାରାଧୀନ ମକଦ୍ଦମା ଗୁଡିକର ସଂଖ୍ୟାରେ ହ୍ରାସ ଘଟିବଓ ସହିତ ମାନବିକ ଅଧିକାରକୁ ମଧ୍ୟ ଅକ୍ଷୁର୍ଣ୍ଣ ରଖାଯାଇପାରିବ ଓ ବନ୍ଦେ ଉତ୍କଳ ଜନନୀ ।

ଆଡ଼ଭୋକେଟ
ଅରୁଣୋଦୟ ନଗର ,
କଟକ-୭୫୩୦୧୨
ମୋ : +୯୧
୭୦୦୮୬୯୧୪୩୪

# ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ମାସ୍କ ବଂଟନ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିବସ ପାଳନ ଅବସରରେ ସାଧାରଣ ଜନତାଙ୍କୁ ମାସ୍କ ବଂଟନ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ସେକ ମହମ୍ମଦ ଇନାୟତ(ଚନ୍ଦନ)ଙ୍କ ନେତୃତ୍ୱରେ ପୁରୁଣା ବସଷ୍ଟାଣ୍ଡରେ ଏବଂ ୧୫ନମ୍ବର ୱାର୍ଡରେ ଜନସାଧାରଣଙ୍କୁ କରୋନା ମହାମାରୀରୁ ରକ୍ଷା ନିମନ୍ତେ ଲୋକମାନଙ୍କୁ ସଚେତନ କରାଯାଇ ମାସ୍କ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରକିବୁର ରହେମାନ, ମହମ୍ମଦ ରୋସନ, ଅବଦୁଲ ମଜିଦ, ସେକ ଟିକିବାବୁ, ମହମ୍ମଦ ସହୀଦ, ସେକ ମୋତି, ସେକ ରୋହିତ, ସେକ ଜୁନୁ ଓ ସେକ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।



ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक





# ପିଇଓଙ୍କୁ ଧମକ ଓ ବ୍ଲାକମେଲ୍ କରିବା ଅଭିଯୋଗରେ ୱେବ୍ ମିଡିଆ ମାଲିକ ଗିରଫ

ଧର୍ମଶାଳା, (ପିଏନ୍): କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ବ୍ଲାକମେଲ, ଧମକ, ମିଥ୍ୟା ତଥ୍ୟ ସଂପର୍କିତ ଅଡିଓ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ୱେବ ମିଡିଆ ପ୍ରତିନିଧି ଗିରଫ। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଂଚଳରୁ ଆସିଛି ଏଭଳି ସଂଗୀନ ଅଭିଯୋଗ। ସୂଚନା ମୁତାବକ, ଧର୍ମଶାଳା ବ୍ଲକ କୁମାରୀ ଓ ଗଙ୍ଗାଧରପୁର ପଂଚାୟତରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ଅଭିଯୋଗକ୍ରମେ ୱେବ ପୋର୍ଟାଲ ସାମ୍ବାଦିକ ପରିଚୟ ଦେଇ ଜାରକା ନିକଟ ଦେଉଳି ଗ୍ରାମର ସଂଜୟ ମିଶ୍ର ତାଙ୍କୁ କିଛି ଦିନ ହେବ ବ୍ଲାକମେଲ କରିଆସୁଥିଲେ। ଏପରିକି ସେ ବହୁବାର ତାଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କ ଅଜାଣତରେ ଫୋନରେ ହେଉଥିବା କଥାବାର୍ତ୍ତା ଏବଂ ଭିଡିଓ ରେକର୍ଡିଂ କରିଥିଲେ। ପରେ ଏହାକୁ ମିଥ୍ୟା ତଥ୍ୟ ସହ ଏଡିଟିଂ କରି ଏକ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ନଚେତ ଅଡିଓ ଏବଂ ଭିଡିଓକୁ ଭାଇରାଲ କରି ବଦନାମ କରିଦେବାକୁ ଧମକ ଦେଇଥିଲେ। ଏଥିରେ ସେ ଅରାଜି ହେବାରୁ ସୋସିଆଲ ମିଡିଆରେ ଏହାକୁ ଭାଇରାଲ କରିଦେଇଥିଲା। ପରେ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେବା ପରେ ନିଜର ମାନସମ୍ମାନ ହାନି ହେବା ସହ ମାନସିକ ଯନ୍ତ୍ରଣା ପାଇବାରୁ ସେ ବାଧ୍ୟ ହୋଇ ଧର୍ମଶାଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଲିଖିତ ଅଭିଯୋଗ ପରେ ଧର୍ମଶାଳା ପୋଲିସ ୨୨୧/୨୨ରେ ଏକା ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସଂଜୟ ମିଶ୍ରଙ୍କୁ ଗତକାଲି ରାତି କାରଣ ଦର୍ଶାଅ ନୋଟିସ୍ ର ଜବାବ ଦେଲେ ସୁର

ଭୁବନେଶ୍ୱର, (ପି.ଏନ): କାରଣ ଦର୍ଶାଅ ନୋଟିସ୍ ଉପରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଜବାବ ରଖିବା ପରେ ଏହାର ପାଲଟା ଉତର ରଖିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି, ତାଙ୍କ ବିରୋଧରେ ସୁରେଶ ରାଉତରାୟ ଆଣିଥିବା ଅଭିଯୋଗ ଭିତିହୀନ। ସୁର ରାଉତରାୟ ଦେଇଥିବା ଜବାବ ନେଇ ଶୃଙ୍ଖଳା କମିଟିରେ ଆଲୋଚନା କରାଯିବ। ଦୋଷୀ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଯିଏ ବିଶୃଙ୍ଖଳା କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତକାଲି ପିସିସି ସଭାପତି ନିରଂଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କୁ ତାଙ୍କ ବିବୃତି ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ସୁର ରାଉତରାୟ ବୁଧବାର କଂଗ୍ରେସ ଭବନକୁ ଆସି ସେ ଲିଖିତ ଭାବେ ଉତର ଦାଖଲ କରିଛନ୍ତି। ସୁରେଶ ରାଉତରାୟ ପୁଣିଥରେ ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କ ପୁରୁଣା କଥା ଦୋହରାଇଛନ୍ତି। ଏ ଦୁହେଁ ବି ପିସିସି ସଭାପତି ନେଇ ନବୀନଙ୍କ କଥା କହିଥିଲେ। ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲାନି। ଆମେ ଦିନକୁ ୧୮ ଘଂଟା କାମ କରୁଛୁ। ଅନ୍ୟ ବିଧାୟକ ତାରା, ସାଲୁଜା ବହୁ ବିଶୃଙ୍ଖଳିତ ମନ୍ତବ୍ୟ ଦେଇଛନ୍ତି। ସେମାନଙ୍କ ପାଇଁ ଶୃଙ୍ଖଳା କମିଟି ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି । ମୋ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଖାତିର ନାହିଁ ବୋଲି କହିଛନ୍ତି ସୁରେଶ ରାଉତରାୟ। ସୂଚନାଯୋଗ୍ୟ, କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ସୁର ରାଉତରାୟଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଚିଠି ଲେଖିଥିଲେ। ନିକଟରେ କଂଗ୍ରେସ ସଭାପତି କିଏ ହେବ ତାହା ନବୀନ ପଟ୍ଟନାୟକ ନିଷ୍ପତି ନିଅନ୍ତି ବୋଲି ସୁର ରାଉତରାୟ ଗଣମାଧମରେ କହିଥିଲେ। ସେହି ସେହି ବୟାନ ଉପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ଗିରଫ କରିଥିଲା। ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଗତ କିଛି ମାସ ତଳେ ୧୬ନଂ ଜାତୀୟ ରାଜପଥ ଜାରକା ଛକ ନିକଟରେ ଗୋରୁ ବୋଝେଇ ଗାଡି ଅଟକାଇ ବଟି ଆଦାୟ କରୁଥିବା ଅଭିଯୋଗରେ ସଂଜୟଙ୍କ ସମେତ ୩ଜଣ ୱେବ ମିଡିଆ ପ୍ରତିନିଧି ଗିରଫ ହୋଇଥିଲେ।

## ବାଜବାଟୀ ପାହାଡରେ ଭିଜିଲାନ୍ସର ତଦନ୍ତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ ଅଧିନରେ ଥିବା ବାଜବାଟି ପାହାଡରେ ଆଜି ଭିଜିଲାନ୍ସ ଟିମ ତଦନ୍ତ କରିଛି। ଏହି ପାହାଡରେ ଥିବା ୫ଗୋଟି ସୈରାତର ସରଜମିନ ତଦନ୍ତ କରିବା ସହ ମାପଚୁପ କରିଛି ଭିଜିଲାନ୍ସ ଟିମ। କଟକ ଭିଜିଲାନ୍ସ ବିଭାଗ ଡିଏସପିଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ ସହ ପ୍ରଦୂଷଣ ବିଭାଗ ଅଧିକାରୀ ପ୍ରମୋଦ କୁମାର ବେହେରା, ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଭୁତତ୍ୱ ବିଭାଗ ଓ ଖଣି ବିଭାଗର ଅଧିକାରୀ ମିଳିତ ଭାବେ ଏହି ତଦନ୍ତ କରିଛନ୍ତି। ଦୀର୍ଘ ଦିନ ଧରି ଏହି ଖାଦାନରେ ଲିଜ ଥାଇ ମଧ୍ୟ ଏଠାରୁ ଲିଜ ପରିସୀମା ଠାରୁ ଅଧିକ ଖନନ ହେଉଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଭିଭାଗ ଆଜି ବାଜବାଟି ପାହାଡକୁ ଆସି ସରଜମିନ ତଦନ୍ତ କରି ମାପଚୁପ କରି ଫେରିଯାଇଛନ୍ତି। ତେବେ ତଦନ୍ତ ସଂପର୍କରେ ଭିଜିଲାନ୍ସ ଅଧିକାରୀଙ୍କ ଠାରୁ କୌଣସି ସୂଚନା ମିଳିପାରିନାହିଁ।

## ଭୁବନେଶ୍ୱର, (ପି.ଏନ) ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ନାରିକେଳ ଉନ୍ନୟନ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ପାଞ୍ଚଟି ସ୍ଥାନରେ ଏପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏପ୍ରିଲ ୨୮ ତାରିଖ, ଗୁରୁବାର ଜଗତସିଂହପୁର ଜିଲ୍ଲାର ବାଲିକୁଦାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୧୦୦ ଜଣ ଚାଷୀ ଭାଗ ନେବେ । ସେହିପରି ପୁରୀ କୃଷି ବିକାଶ କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୩୦୦ ନଡ଼ିଆ ଚାଷୀ ଅଂଶଗ୍ରହଣ କରିବେ । ୧୦୦ ଜଣ ଲେଖାଏଁ ନଡ଼ିଆ ଚାଷୀଙ୍କୁ ନେଇ ୨୯ ତାରିଖରେ ଖୋର୍ଦ୍ଧା ଉଦ୍ୟାନ କୃଷି ବିଦ୍ୟାଳୟ ଏବଂ ୩୦ ତାରିଖରେ କେନ୍ଦ୍ରାପଡ଼ା କୃଷି ବିକାଶ କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ଆସନ୍ତା ମେ ପହିଲାରେ ଭୁବନେଶ୍ୱରର ଇମେଜ୍ରାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ୨୦୦ ଚାଷୀ ଅଂଶଗ୍ରହଣ କରିବେ ।ସମ୍ପ୍ରତି କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ''ଅନ୍ନଦାତା ଦେବୋ ଭବ – କିଷାନ ଭାଗିଦାରୀ ପ୍ରାଥମିକତା ହମାରୀ'' ଅଭିଯାନ ଜାରି ରହିଛି । ଏହି କ୍ରମରେ ନାରିକେଳ ଉନ୍ନୟନ ବୋର୍ଡ ପକ୍ଷରୁ 'ବୈଜ୍ଞାନିକ ପ୍ରଣାଳୀରେ ନଡ଼ିଆ ଚାଷ, ପ୍ରକ୍ରିୟାକରଣ ଏବଂ ମୂଲ୍ୟ ସମ୍ବର୍ଦ୍ଧନ' ବିଷୟବସ୍ତୁକୁ ନେଇ ନଡ଼ିଆ ଚାଷୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ୨୬ ଏପ୍ରିଲ ଠାରୁ ମେ ପହିଲା ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସାରା ଦେଶର ନଡ଼ିଆ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା । କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂ ତୋମର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି । ପ୍ରାୟ ୨୦ ହଜାର ନଡ଼ିଆ ଚାଷୀ ଦେଶବ୍ୟାପୀ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏହି ଉପଲକ୍ଷେ ନଡ଼ିଆ ଚାଷ, ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି ବିଷୟବସ୍ତୁକୁ ନେଇ ୮୦ଟି ସେମିନାର ଆୟୋଜନ କରାଯିବ । ଆଇସିଏଆର, ସିପିସିଆରଆଇ, ରାଜ୍ୟ କୃଷି/ଉଦ୍ୟାନ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷକ ଉତ୍ପାଦକ ସଂଗଠନମାନଙ୍କ ସହଭାଗିତାରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ୨୬ରୁ ୨୮ ଏପ୍ରିଲ ମଧ୍ୟରେ ଏକ ଭର୍ଚୁଆଲ ବାଣିଜ୍ୟ ମେଳା ମଧ୍ୟ ଆୟୋଜନ କରାଯାଉଛି। ଚାଷୀ, ଉଦ୍ୟୋଗୀ, ନୀତି ନିର୍ଦ୍ଧାରକ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ଏହି ସଚେତନତା ଅଭିଯାନରେ ସାମିଲ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଉଦଯାପିତ

ଭୁବନେଶ୍ୱର, ୨୭ ଏପ୍ରିଲ – ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ନିମନ୍ତେ କ୍ଷେତ୍ରୀୟ ଅଧିକାରୀମାନେ ସମାଜର ସ୍ୱର୍ଶକାତର ଓ ସମସ୍ୟାସଂକୁଳ ଲୋକମାନଙ୍କ କାର୍ଯ୍ୟ କରିବାକୁ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପରାମର୍ଶ ଦେଇଛନ୍ତି। ବିଭାଗ ପକ୍ଷରୁ ନବନିଯୁକ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନ ଦିବସରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ଅଧିକାରୀବୃନ୍ଦ 'ମୋ ସରକାର' ଓ ୫-'ଟି' ଅନ୍ତର୍ଗତ ନୀତି ପାଳନ କରିବାକୁ କହିଛନ୍ତି । ସ୍ଥାନୀୟ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ବିଭାଗର କାର୍ଯ୍ୟ ରୂପାୟନରେ ସ୍ୱଚ୍ଛତା, ପ୍ରତିବଦ୍ଧତା ଓ ସମୟାନୁବର୍ତ୍ତିତା ଅବଲମ୍ବନ କରିବା ଓ ବୟସ୍କ ନାଗରିକ,

## କାରଣ ଦର୍ଶାଅ ନୋଟିସ୍ ର ଜବାବ ଦେଲେ ସୁର

ଭୁବନେଶ୍ୱର, (ପି.ଏନ): କାରଣ ଦର୍ଶାଅ ନୋଟିସ୍ ଉପରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଜବାବ ରଖିବା ପରେ ଏହାର ପାଲଟା ଉତର ରଖିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି, ତାଙ୍କ ବିରୋଧରେ ସୁରେଶ ରାଉତରାୟ ଆଣିଥିବା ଅଭିଯୋଗ ଭିତିହୀନ। ସୁର ରାଉତରାୟ ଦେଇଥିବା ଜବାବ ନେଇ ଶୃଙ୍ଖଳା କମିଟିରେ ଆଲୋଚନା କରାଯିବ। ଦୋଷୀ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଯିଏ ବିଶୃଙ୍ଖଳା କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତକାଲି ପିସିସି ସଭାପତି ନିରଂଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କୁ ତାଙ୍କ ବିବୃତି ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ସୁର ରାଉତରାୟ ବୁଧବାର କଂଗ୍ରେସ ଭବନକୁ ଆସି ସେ ଲିଖିତ ଭାବେ ଉତର ଦାଖଲ କରିଛନ୍ତି। ସୁରେଶ ରାଉତରାୟ ପୁଣିଥରେ ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କ ପୁରୁଣା କଥା ଦୋହରାଇଛନ୍ତି। ଏ ଦୁହେଁ ବି ପିସିସି ସଭାପତି ନେଇ ନବୀନଙ୍କ କଥା କହିଥିଲେ। ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲାନି। ଆମେ ଦିନକୁ ୧୮ ଘଂଟା କାମ କରୁଛୁ। ଅନ୍ୟ ବିଧାୟକ ତାରା, ସାଲୁଜା ବହୁ ବିଶୃଙ୍ଖଳିତ ମନ୍ତବ୍ୟ ଦେଇଛନ୍ତି। ସେମାନଙ୍କ ପାଇଁ ଶୃଙ୍ଖଳା କମିଟି ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି । ମୋ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଖାତିର ନାହିଁ ବୋଲି କହିଛନ୍ତି ସୁରେଶ ରାଉତରାୟ। ସୂଚନାଯୋଗ୍ୟ, କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ସୁର ରାଉତରାୟଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଚିଠି ଲେଖିଥିଲେ। ନିକଟରେ କଂଗ୍ରେସ ସଭାପତି କିଏ ହେବ ତାହା ନବୀନ ପଟ୍ଟନାୟକ ନିଷ୍ପତି ନିଅନ୍ତି ବୋଲି ସୁର ରାଉତରାୟ ଗଣମାଧମରେ କହିଥିଲେ। ସେହି ସେହି ବୟାନ ଉପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା।

## ଧର୍ମଶାଳା ବିଜେଡି ପକ୍ଷରୁ ଇଫତାର ପାର୍ଟି

ଧର୍ମଶାଳା, (ପିଏନ୍): ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଇଫତାର ପାର୍ଟି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁସଲମାନ ଭାଇମାନଙ୍କୁ ଇଫତାର ପାର୍ଟିର ଶୁଭେଚ୍ଛା ଜଣାଇବା ସହ ଧର୍ମଶାଳାରେ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ପବିତ୍ର ରମାଜନ ମାସରେ ମୁସଲମାନ ଭାଇମାନେ ଅତ୍ୟନ୍ତ ନିଷ୍ଠାର ଉପବାସ କରି ଏହି ପର୍ବକୁ ପାଳନ କରୁଥିବାରୁ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଯୁବନେତା ଇନ୍ତେକାବ ଆଲାମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଂଜନ ରାଉତ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଧର୍ମଶାଳାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭାଇଚାରା ଅତୁଟ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାଲର୍ସ ଉଇଙ୍ଗର ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବହୁ ମୁସଲମାନ ଭାଇ ଓ ଦଳୀୟ କର୍ମୀ ଯୋଗଦେଇଥିଲେ।

# କେନ୍ଦ୍ରାପଡା ନଗରପାଳଙ୍କ ନିଆରା ଇଫତାର ପାର୍ଟି: ବିଭିନ୍ନ ରାଜନୈତିକ ଦଳ ସମେତ ହିନ୍ଦୁ ଓ ମୁସଲିମ ଭାଇମାନେ ଏକାଠି ବସି ଖାଇଲେ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନହଲରେ ନଗରପାଳ ସରିତା ସାହୁ ବୁଧବାର ସନ୍ଧ୍ୟାରେ ମୁସଲମାନ ଭାଇ ଭଉଣୀମାନଙ୍କ ପାଇଁ ଏକ ଇଫତାର ପାର୍ଟିର ଆୟୋଜନ କରିଥିଲେ। ଏହି ପାର୍ଟିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମେତ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ଭାଇ ଓ ଭଉଣୀମାନେ ସାଙ୍ଗ ହୋଇ ଖାଇଥିଲେ। କେନ୍ଦ୍ରାପଡ଼ାରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ବହୁକାଳରୁ ରହି ଆସିଥିବା ଭାଇଚାରାର ଏକ ନିଆରା ନିଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ ନଗରପାଳ ଶ୍ରୀମତୀ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ସମବାୟବିତ ପ୍ରମୋଦ ସାହୁ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ,ରୋସ୍ନା ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ମହାପାତ୍ର, ରାଜ୍ୟ ବିଜେଡିର ପୂର୍ବତନ ଯୁଗ୍ମ ସମ୍ପାଦକ ତଥା ଯୁବନେତା ରାଜେଶ ପଣ୍ଡା, ରାଜ୍ୟ ବିଜେପି ସଂଖ୍ୟାଲଘୁ ସେଲର ଉପାଧକ୍ଷ ମହମ୍ମଦ ସଲିମ ଖାଁ, ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗଦେଇ ମୁସଲମାନ ଭାଇ ଭଉଣୀମାନଙ୍କ ସହ ଇଫତାର ପାର୍ଟିରେ ବସି ଖାଇଥିଲେ। ମୁସଲମାନ ଭାଇଭଉଣୀମାନେ ଏକ ମାସ ଉପବାସ କରନ୍ତି। ଏହାକୁ ରମଜାନ ମାସ କୁହାଯାଏ। ଏହାପରେ ଇଦ୍ ପର୍ବ ଆସେ। ଇଦ ପର୍ବ ପୂର୍ବରୁ ଇଫତାର ପାର୍ଟିର ଆୟୋଜନ କରାଯାଏ। କେନ୍ଦ୍ରାପଡ଼ାରେ ହିନ୍ଦୁ ଓ ମୁସଲମାନ ଭାଇଭଉଣୀମାନଙ୍କ ମଧ୍ୟରେ ଭାଇଚାରା ରକ୍ଷା କରିବା ପାଇଁ ଏହିପରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ପୌର ଉପାଧକ୍ଷା ଆକବରୀ ଖାତୁନ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ(ଧନୀ), ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁ, ଯୁବ ସଭାପତି ରାଜେଶ ଦାସ, ଦେବଦାସ ମହାନ୍ତି, କାଉନସିଲର ଜୟନ୍ତୀ ପାଣି, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି, ନଗର ବିଜେଡି ସଭାପତି ଯଯାତି ମହାନ୍ତି, ୫ ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ, ୬ ନଂ. ଜୋନ ସଭ୍ୟା ନିର୍ମଳା ମହାନ୍ତି, ବିଜେଡି ଜିଲ୍ଲା ସଂଖ୍ୟାଲଘୁ ସଭାପତି ସେକ ଇନାୟତ(ଚନ୍ଦନ), ସୁମିତ୍ରା ପାଢୀ, କଂଗ୍ରେସ ସଂଖ୍ୟାଲଘୁ ସେଲ ସଭାପତି ସୟଦ ଅବଦୁଲ ସ□ାର, ପୂର୍ବତନ କାଉନସିଲର ସେକ ରହେମତ, ମାନସ ସେଠୀ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ମୀର ସଫିକ, ସେକ ମତ୍ତୁ, ସେକ ଗୋଫରାନ ପ୍ରମୁଖ ଉପସ୍ଥିତ ଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray